# ଆଧୁନିକତାର ସ୍ପର୍ଶ ଅପେକ୍ଷାରେ କାଠ କଣ୍ଢେଇ

କାଠ କଣ୍ଢେଇ ସହ ସେ ବିତାଇଛନ୍ତି ଜୀବନର ଅନେକ ବୟସ। ବୁଝିଛନ୍ତି କାଠ କଣ୍ଢେଇ ମନର କଥା। ଆଧୁନିକତାର ରଙ୍ଗ ମାଖି ପୁରୁଣା କାଠ କଣ୍ଢେଇକୁ ସଜାଇଦେବା ଲାଗି ସେ ତିଆରି କରିଛନ୍ତି ବ୍ଲୁ ପ୍ରିଣ୍ଟ। ହେଲେ ଅର୍ଥାଭାବ ଏଥିରେ ସାଜିଛି ବାଧକ। ଏକଥା କହିଛନ୍ତି, କାଠ କଣ୍ଢେଇ ନୃତ୍ୟକଳାକୁ ବଞ୍ଚାଇ ରଖିବା ଲାଗି ପ୍ରୟାସ ଜାରି ରଖିଥିବା କେନ୍ଦୁଝର ଜିଲାର ବିଶିଷ୍ଟ କଣ୍ଢେଇ ନୃତ୍ୟ ଶିଳ୍ପୀ ମାଗୁଣୀ ଚରଣ କୁଅଁର।

କଣ୍ଢେଇ ନୃତ୍ୟ ଓଡ଼ିଶାର ଏକ ପ୍ରାଚୀନ କଳା, ଯାହାର ଆଦର ଏବେ ମଧ୍ୟ ରହିଛି। ଆଧୁନିକ ଡିଜିଟାଲ ବା ଟିଭି ଓ ସିନେମା ଯୁଗରେ ପୁରୁଣା ଢଙ୍ଗରେ କଣ୍ଢେଇ ନୃତ୍ୟ ଓ ନାଟକ ପରିବେଷଣ ଆଗଭଳି ଆଉ ଲୋକାଦୃତ ହେଉନାହିଁ। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ମାଗୁଣୀ ଚରଣ ଏକ କଣ୍ଢେଇ ନାଟ୍ୟଦଳ ଗଠନ କରି ଏହି ନୃତ୍ୟକଳାକୁ ବଞ୍ଚାଇ ରଖିବା ଲାଗି କାର୍ଯ୍ୟ କରୁଛନ୍ତି। ତାଙ୍କ ଦଳରେ ରହିଛନ୍ତି ୧୦ କଳାକାର। ଉପଯୁକ୍ତ ପ୍ରୋତ୍ସାହନ ଅଭାବରୁ ଏହି ସଂସ୍ଥା ମୁଣ୍ଡ ଟେକି ଠିଆହୋଇ ପାରୁ ନାହିଁ। କେବଳ ଯାନିଯାତ୍ରା ଓ ପର୍ବପର୍ବାଣୀ ସମୟରେ କଣ୍ଢେଇ ନୃତ୍ୟ ଓ ନାଟକ ପରିବେଷଣ କରାଯାଉଛି। କାଠ କଣ୍ଢେଇ ନୃତ୍ୟର ସୁରକ୍ଷା ପାଇଁ ଏକ ଏକାଡେମୀର ଆବଶ୍ୟକତା ରହିଛି। ଏହାର କଳାକାରମାନଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ମିଳିବା ଜରୁରୀ। ନଚେତ ଏହି କଳା ସବୁଦିନ ପାଇଁ ଲୋପ ପାଇଯିବ ବୋଲି ସେ କହିଛନ୍ତି।



କଣ୍ଢେଇ ନୃତ୍ୟ ଶିଳ୍ପୀ ମାଗୁଣି ଚରଣ କୁଅଁର।

କେନ୍ଦୁଝରଗଡ ବୈଦରାଜ ସାହିରେ ୧୯୩୭ ମସିହାରେ ଜନ୍ମ ନେଇଥିବା ମାଗୁଣି ଚରଣଙ୍କ କଳା ପ୍ରତିଭା ଦେଖି ସମସ୍ତେ ତାଙ୍କୁ ଶ୍ରଦ୍ଧା, ସମ୍ମାନ ଦିଅନ୍ତି। ଅନେକ ତାଙ୍କୁ ନୁନୁ ଭାଇ ବୋଲି ଡାକନ୍ତି। ୨୦୦୫ରେ ତାଙ୍କୁ ମିଳିଛି କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଆୱାର୍ଡ । ପରବର୍ତ୍ତୀ ସମୟରେ ସେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ପାଇଛନ୍ତି। ତାଙ୍କ ଜୀବନସାଥୀଙ୍କ ଦେହାନ୍ତ ହେବା ପରଠାରୁ ସେ ପୁଅ ଓ ବୋହୂଙ୍କ ସହ ରହୁଛନ୍ତି। ଓଡ଼ିଶାକୁ କଣ୍ଢେଇ ନୃତ୍ୟ ପାଇଁ ଜାତୀୟ ସ୍ତରରେ ପରିଚିତ କରାଇଥିବା ମାଗୁଣୀ ଏକାଧାରରେ ଜଣେ ନାଟ୍ୟକାର, ନିର୍ଦ୍ଦେଶକ, ଶିଳ୍ପୀ, ଗୀତିକାର, ଗାୟକ ଓ ଭାଷ୍ୟକାର। ସେ ନିଜ ହାତରେ କାଠ କଣ୍ଢେଇ ନିର୍ମାଣ କରନ୍ତି। ସେ ନିଜେ ସାଜସଜ୍ଜା କରିବା ସହ କଣ୍ଢେଇମାନଙ୍କୁ ଧରି ନାଟ୍ୟଓ ନୃତ୍ୟ ପରିବେଷଣ କରନ୍ତି। ବିଭିନ୍ନ ପୁରୁଷ, ମହିଳାଙ୍କ ସଂଳାପ ନିଜେ ପରିବେଷଣ କରିଥାନ୍ତି। ପଶୁପକ୍ଷୀଙ୍କ ଧ୍ୱନି ନିଜେ ସୃଷ୍ଟି କରିଥାନ୍ତି। ବିଭିନ୍ନ ପୌରାଣିକ ତଥା ସାମାଜିକ ବିଷୟବସ୍ତୁକୁ ନେଇ ସେ ନାଟକ ପରିବେଷଣ କରିଥାନ୍ତି। ପରିଣତ ବୟସରେ ସେ ଦେଶର ବିଭିନ୍ନ ରାଜ୍ୟକୁ ଯାଇ ସଙ୍ଗୀତ ନାଟକ ଏକାଡେମୀ ଜରିଆରେ ଏହି କଳା ପ୍ରଦର୍ଶନ କରୁଛନ୍ତି। କଣ୍ଢେଇ ନାଚ ଲାଗି କାଠ ପରିବର୍ତ୍ତେ କାଗଜରେ ବଡ ବଡ କଣ୍ଢେଇ ପ୍ରସ୍ତୁତ କରି ଏହାକୁ ମୋଟର ସହାୟତାରେ ନଚାଇ ନାଟକ ଓ ନୃତ୍ୟକଳା ପରିବେଷଣ କରାଯାଇ ପାରିବ। ଏଥିସକାଶେ ସେ ପ୍ରସ୍ତୁତ କରିଥିବା ବ୍ଲୁପ୍ରିଣ୍ଟ ସହାୟକ ହେବ। ଏହାକୁ କାର୍ଯ୍ୟକାରୀ କରିବା ଲାଗି ପ୍ରାୟ ଅଢେଇ ଲକ୍ଷ ଟଙ୍କା ଦରକାର। ଅର୍ଥାଭାବରୁ ତାଙ୍କର ଡ୍ରିମ ପ୍ରୋଜେକ୍ଟ ଅଟକି ରହିଛି। ଏହାସତ୍ତ୍ୱେ ତାଙ୍କ ଲକ୍ଷ୍ୟ ଦିନେ ପୂରଣ ହେବ ବୋଲି ସେ କହିଛନ୍ତି।

**–ନରେଶ ଚନ୍ଦ୍ର ପଟ୍ଟନାୟକ, କେନ୍ଦୁଝର**

## ଦିନଟିଏ ବିତେ ଏମିତି..

୮୭ ବର୍ଷରେ ପାଦ ଦେଇଥିବା ମାଗୁଣି ଚରଣ ପ୍ରତିଦିନ ପ୍ରାତଃ ୫ଟାରେ ଉଠି ନିତ୍ୟକର୍ମ ସାରି ବାଡିବଗିଚାରେ କାମ କରିଥାନ୍ତି। ସକାଳେ ଗୁଡ ସହିତ ପିଠା ବା ରୁଟି ଖାଇବାକୁ ପସନ୍ଦ କରନ୍ତି। ଅନେକ ସମୟରେ ବାଡିବଗିଚାରୁ ପନିପରିବା ତୋଳିବା ସହ ପୋଖରୀରୁ ମାଛ ଧରିଥାନ୍ତି। ପରେ କାଠ, ବାଉଁଶ ଆଦିରେ କଣ୍ଢେଇ, ଘର କରଣା ତଥା ସୌଖୀନ ସାଜସଜା ସାମଗ୍ରୀ ନିର୍ମାଣରେ ଲାଗିପଡନ୍ତି। ଦିନବେଳେ ଭାତ, ଡାଲି, ତରକାରୀ ଖାଇଥାନ୍ତି। ଅପରାହ୍ନରେ ବାହାରେ ବୁଲାବୁଲି କରନ୍ତ ନଚେତ ବାଡିବଗିଚା କାମରେ ଲାଗିଯାଆନ୍ତି। ରାତିରେ ରୁଟି ଓ ଗୁଡ ଖାଇ ଶୋଇଯାଆନ୍ତି।

# ମେଡିକାଲ କଲେଜ ଦାବି ଜୋର ଧରିଲା

**ଭଦ୍ରକ ଅଫିସ, ୮।୯:** ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଜୋର ଧରିବାରେ ଲାଗିଛି। ଜିଲା ସଂସ୍କୃତି ଭବନ ପରିସରରେ ଭଦ୍ରକ ବୁଦ୍ଧିଜୀବୀ ଫୋରମ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଜିଲାର ଏମ୍‌ପି ଓ ବିଧାୟକମାନେ ଦାୟିତ୍ୱ ନିଅନ୍ତୁ ବୋଲି ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ଫୋରମ ପକ୍ଷରୁ ଏମ୍‌ପି ଓ ବିଧାୟକଙ୍କୁ ଭେଟିବା ଲାଗି ନିଷ୍ପତ୍ତି ହୋଇଛି। ଫୋରମର ଆବାହକ ଡା. ହରେକୃଷ୍ଣ ନାୟକ, ଆଇଏମ୍‌ଏ ସଭାପତି ଡା. ରବୀନ୍ଦ୍ର ନାୟକ, ଶିକ୍ଷାବିତ୍ ଡ.ଶୈଳେନ୍ଦ୍ର ମହାପାତ୍ର, ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ବାର୍ ଆସୋସିଏଶନ ସଭାପତି ଦିଲୀପ ମହାପାତ୍ର, ବରିଷ୍ଠ ଆଇନଜୀବୀ ପର୍ଶୁରାମ ଦ୍ୱିବେଦୀ, ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସନକ୍ଷତ୍ର ଦିବସ ଅବସରରେ ଆଗରପଡା ଜୋନର ସମସ୍ତ ଜନ ସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ଜଗତର ନାଥ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ।
ଶିବାନନ୍ଦ ଦାଶଅଧିକାରୀ
ଯୁବନେତା, ଭାରତୀୟ ଜନତା ପାର୍ଟି

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସନକ୍ଷତ୍ର ଦିବସ ଅବସରରେ ବନ୍ତ ବ୍ଲକ ଓଡଙ୍ଗ ପଞ୍ଚାୟତର ସମସ୍ତ ଜନ ସାଧାରଣଙ୍କୁ ଶୁଭେଚ୍ଛା। ପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମସ୍ତଙ୍କର ମଙ୍ଗଳ ହେଉ ।
କିଶୋର କିଙ୍କର ପଡ଼ିଆରୀ
ସରପଞ୍ଚ ଓଡ଼ଙ୍ଗ, ବନ୍ତ ବ୍ଲକ

ଆଗରପଡା ଥାନା ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କ ମଧ୍ୟରେ ଶାନ୍ତି ମୈତ୍ରୀ ଅକ୍ଷୁଣ୍ଣ ରହୁ। ଆପଣମାନଙ୍କ ସହଯୋଗ କାମନା କରୁଛି। ନିତ୍ୟ ସୁନ୍ଦର ଜଗତର ନାଥ ଜଗନ୍ନାଥ ଆବାଳ ବୃଦ୍ଧ ବନୀତା ସମସ୍ତଙ୍କର ମଙ୍ଗଳ କରନ୍ତୁ।
ଗଣେଶ୍ୱର ପ୍ରଧାନ
ଆଗରପଡା ଥାନା ଭାରପ୍ରାପ୍ତ ଅଧିକାରୀ

'ଧରିତ୍ରୀ'ର ସ୍ୱନକ୍ଷତ୍ର ଦିବସରେ ଶୁଭେଚ୍ଛା।
ମନୋଜ କୁମାର ନାୟକ
ସହକାରୀ ନିର୍ବାହୀ ଯନ୍ତ୍ରୀ
ସାଳନ୍ଦୀ ଜଳସେଚନ ଉପବିଭାଗ-ନଂ. ୧
ସିମୁଳିଆ, ବାଲେଶ୍ୱର

'ଧରିତ୍ରୀ'ର ସ୍ୱନକ୍ଷତ୍ର ଦିବସ ଅବସରରେ ଶୁଭେଚ୍ଛା।
ବିନୋରୀ ଆଇ.ଟି.ଆଇ.
ମାର୍କୋଣା, ସିମୁଳିଆ, ବାଲେଶ୍ୱର

'ଧରିତ୍ରୀ'ର ଉତ୍ତର ଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ସିମୁଳିଆବାସୀଙ୍କୁ ଅଭିନନ୍ଦନ ଜଣାଉଛି। ପରମ କାରୁଣିକ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ ବିଧାନ କରନ୍ତୁ।
ଡ. ନରହରି ବେହେରା
ଗୋଷ୍ଠୀ ଉନ୍ନୟନ ଅଧିକାରୀ
ସିମୁଳିଆ, ବାଲେଶ୍ୱର

'ଧରିତ୍ରୀ'ର ସ୍ୱନକ୍ଷତ୍ର ଦିବସ ଅବସରରେ ଶୁଭେଚ୍ଛା।
ଆରୋଗ୍ୟମ୍ ନର୍ସିଂହୋମ୍
ମାର୍କୋଣା, ସିମୁଳିଆ, ବାଲେଶ୍ୱର

'ଧରିତ୍ରୀ'ର ସ୍ୱନକ୍ଷତ୍ର ଦିବସ ଅବସରରେ ଶୁଭେଚ୍ଛା।
ସତ୍ୟମ୍ ପଲଟ୍ରି କେୟାର ଓ ଆକ୍ୱାସପ୍
ମାର୍କୋଣା, ସିମୁଳିଆ, ବାଲେଶ୍ୱର
ମୋ- ୯୦୪୦୧୮୮୫୦୦

ଆବର୍ତ୍ତନ (AIMS) ଯୁକ୍ତ୍ରଦୁଇ ବିଜ୍ଞାନ ମହାବିଦ୍ୟାଳୟ ମାର୍କୋଣା ତରଫରୁ 'ଧରିତ୍ରୀ'ର ସ୍ୱନକ୍ଷତ୍ର ଦିବସରେ ଶୁଭେଚ୍ଛା ଏବଂ ଶୁଭ କାମନା।
ପ୍ର. ଗୌରାଙ୍ଗ ଚରଣ ରାଉତ
ଅଧକ୍ଷ
ମାର୍କୋଣା, ସିମୁଳିଆ
ବାଲେଶ୍ୱର



'ଧରିତ୍ରୀ'ର ଉତ୍ତର ଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ କହ୍ନେଇବିନ୍ଧା ଗ୍ରାମପଞ୍ଚାୟତର ଜନସାଧାରଣଙ୍କ ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। ମା' ଦଶଭୁଜା ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ।
ସବିତାରାଣୀ ରଥ
ସରପଞ୍ଚ, କହ୍ନେଇବିନ୍ଧା,
ସିମୁଳିଆ, ବାଲେଶ୍ୱର

ଶ୍ରୀ'ରାଧାରାଣୀଙ୍କ ଚରଣ କମଳରୁ ଝରିପଡୁଥିବା ଆଶୀର୍ବାଦ ସାରା ଓଡ଼ିଶାର ଜନସାଧାରଣଙ୍କ ହିତାର୍ଥେ କାମନା।
ସରୋଜିନୀ ମହାପାତ୍ର
ରାଜ୍ୟ ବିଜୁ ମହିଳା ଉପାଧ୍ୟକ୍ଷା ତଥା
୪୨ନଂ. ଜୋନ୍ ଜିଲାପରିଷଦ,
ସିମୁଳିଆ, ବାଲେଶ୍ୱର

ମୁରୁଣା ଗ୍ରାମପଞ୍ଚାୟତବାସୀଙ୍କ ଭରସା ଓ ସହଯୋଗ ପାଇଁ ଆମ ପଞ୍ଚାୟତ ସରସ ସୁନ୍ଦର। ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରୟାସ ଜାରି ରହିଛି।
ଜନସାଧାରଣଙ୍କ ସ୍ନେହ, ଭଲପାଇବା, ଆଶୀର୍ବାଦ ଓ ସହଯୋଗ ସର୍ବଦା ରହିଥାଉ। 'ଧରିତ୍ରୀ'ର ସ୍ୱନକ୍ଷତ୍ର ଦିବସରେ ଏତିକି ମାତ୍ର କାମନା।
ଭାଗବତ ସାହୁ – ସରପଞ୍ଚ
ମଧୁସ୍ମିତା ପତ୍ରୀ – ସମିତି ସଭ୍ୟା
ନରେନ୍ଦ୍ର ରାଉତ – ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ
ମୁରୁଣା, ସିମୁଳିଆ, ବାଲେଶ୍ୱର

'ଧରିତ୍ରୀ'ର ଉତ୍ତର ଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ସିମୁଳିଆ-ଖଇରାବାସୀଙ୍କୁ ଅଭିନନ୍ଦନ।
ମୃତ୍ୟୁଞ୍ଜୟ ବେହେରା
ସମିତିସଭ୍ୟ କାଞ୍ଚପଡା ଓ
ବିଜୁ ଜନତା ଦଳ ଯୁବ ସଭାପତି
ସିମୁଳିଆ-ଖଇରା ନିର୍ବାଚନମଣ୍ଡଳୀ, ବାଲେଶ୍ୱର

'ଧରିତ୍ରୀ' ଖବରକାଗଜ ବାଲେଶ୍ୱର ସଂସ୍କରଣର ଜନ୍ମତିଥିରେ ଭଣ୍ଡାରିପୋଖରୀ ପଞ୍ଚାୟତ ସମିତିର ସମସ୍ତ ସରପଞ୍ଚ, ସମିତି ସଭ୍ୟା, ସଭ୍ୟ, ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ସରୋଜିନୀ ସାହୁ
ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରିଣୀ
ଭଣ୍ଡାରିପୋଖରୀ

ଦୈନିକ ଖବରକାଗଜ 'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ତେସିଙ୍ଗା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣ, ବୁଦ୍ଧିଜୀବୀ ଓ ଭୋଟର ଭାଇଭଉଣୀମାନଙ୍କ ସୁଖ ସମୃଦ୍ଧି କାମନା କରୁଛି।
ସଙ୍ଗୀତା ଖଣ୍ଡାୟୀ
ସରପଞ୍ଚ
ତେସିଙ୍ଗା ଗ୍ରାମପଞ୍ଚାୟତ, ଭଣ୍ଡାରିପୋଖରୀ

ନିରପେକ୍ଷ ଦୈନିକ 'ଧରିତ୍ରୀ' ଖବରକାଗଜ ବାର୍ଷିକ ଉତ୍ସବ ଅବସରରେ ତେସିଙ୍ଗା ସେବା ସମବାୟ ସମିତିର ସମସ୍ତ ଋଣଗ୍ରହୀତା ଚାଷୀମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ରାଜେନ୍ଦ୍ର କୁମାର ଖଣ୍ଡାୟୀ
ସମ୍ପାଦକ
ତେସିଙ୍ଗା ସେବା ସମବାୟ ସମିତି
ତେସିଙ୍ଗା, ଭଣ୍ଡାରିପୋଖରୀ

ଦୈନିକ ଖବରକାଗଜ 'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ।
ମୃତ୍ୟୁଞ୍ଜୟ ଭୂୟାଁ
ତହସିଲଦାର
ଭଣ୍ଡାରିପୋଖରୀ, ଭଦ୍ରକ

ଅଗ୍ରଣୀ ଖବରକାଗଜ 'ଧରିତ୍ରୀ'ର ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅନେକ ଅନେକ ଶୁଭେଚ୍ଛା।
ଦୀପକ କୁମାର ପାଢ଼ୀ
ବ୍ଲକ୍ ଶିକ୍ଷା ଅଧିକାରୀ
ଭଣ୍ଡାରିପୋଖରୀ

ଦୈନିକ ଖବରକାଗଜ 'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ଭଣ୍ଡାରିପୋଖରୀ ବ୍ଲକ୍ ବନ୍ଦାଲୋ ମଢ଼ିଆଳି ପଞ୍ଚାୟତର ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଗୋପାଳ କିଶୋର ପଣ୍ଡା
ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ
ବନ୍ଦାଲୋ ମଢ଼ିଆଳି ଗ୍ରାମପଞ୍ଚାୟତ, ଭଣ୍ଡାରିପୋଖରୀ

ଦୈନିକ ଅଗ୍ରଣୀ ଖବରକାଗଜ 'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।
ସୁଶ୍ରୀ ଶର୍ମିଷ୍ଠା ମଲ୍ଲିକ
ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରିଣୀ
ଭଣ୍ଡାରିପୋଖରୀ

ଅଗ୍ରଣୀ ଖବରକାଗଜ 'ଧରିତ୍ରୀ'ର ସ୍ୱନକ୍ଷତ୍ର ଦିବସ ଅବସରରେ ବୟାଁବନାପୁର ପଞ୍ଚାୟତର ସମସ୍ତ ଜନସାଧାରଣ, ବୁଦ୍ଧିଜୀବୀ ଓ ଭୋଟର ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ପ୍ରଶାନ୍ତ କୁମାର ସାହୁ
ସରପଞ୍ଚ
ବୟାଁବନାପୁର ଗ୍ରାମପଞ୍ଚାୟତ, ଭଣ୍ଡାରିପୋଖରୀ

ବହୁମୁଖୀ ଯୋଜନାଗୁଡିକୁ ନେଇ ବାଟି ପଞ୍ଚାୟତ ଅଗ୍ରସର। ଏଥିପାଇଁ ଜନସାଧାରଣଙ୍କ ସମୂହ ସହଯୋଗ ରହିଛି। ଆମର ସଙ୍କଳ୍ପ ୧ନଂ ହେବୁ।
ଶରତ କୁମାର ନାୟକ
ସରପଞ୍ଚ, ବାଟି ଗ୍ରାମପଞ୍ଚାୟତ
ବାଟି, ସିମୁଳିଆ, ବାଲେଶ୍ୱର

'ଧରିତ୍ରୀ'ର ସ୍ୱନକ୍ଷତ୍ର ଦିବସ ଅବସରରେ ଭଣ୍ଡାରିପୋଖରୀ ଅଞ୍ଚଳର ଅଗଣିତ ପାଠକ ପାଠିକା ଓ ପୃଷ୍ଠପୋଷକଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।



ଆଦର୍ଶ ଓ ନୈତିକ ଶିକ୍ଷାର ମନ୍ଦିର
ଶାରଦା ବିଦ୍ୟାମନ୍ଦିର
ଭଣ୍ଡାରିପୋଖରୀ, ଭଦ୍ରକ

'ଧରିତ୍ରୀ'ର ବାର୍ଷିକ ଉତ୍ସବ ଅବସରରେ ଧାମନଗର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଶିବଶକ୍ତି ଅଟୋମୋବାଇଲ୍ସ ପକ୍ଷରୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ଏଠାରେ ସମସ୍ତ ପ୍ରକାର ହିରୋ ବାଇକ୍, ସ୍କୁଟି ମିଳେ।
ହିରୋ ଶୋ'ରୁମ୍, ଶିବଶକ୍ତି ଅଟୋମୋବାଇଲ୍ସ, ଧାମନଗର
ବଡ଼ବଜାର, ପ୍ରୋ: ଲକ୍ଷ୍ମଣ କର




ଦୈନିକ ଅଗ୍ରଣୀ ଖବରକାଗଜ 'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣର ଜନ୍ମତିଥିରେ ଧରିତ୍ରୀର ଶୁଭ ମନାସିବା ସହ ନପଙ୍ଗ ପଞ୍ଚାୟତ ତଥା ଭଣ୍ଡାରିପୋଖରୀ ବ୍ଲକ୍‌ର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ପ୍ରଣିତକାନ୍ତ ସାମଲ
ଜିଲ୍ଲା ଯୁବ ବିଜେଡି ଉପସଭାପତି ତଥା
ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ,
ଭଣ୍ଡାରିପୋଖରୀ

ପ୍ରଗତିପଥେ ଭଣ୍ଡାରିପୋଖରୀ ପଞ୍ଚାୟତ ସମିତି
ନିରପେକ୍ଷ ଦୈନିକ 'ଧରିତ୍ରୀ' ଖବରକାଗଜ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଭଣ୍ଡାରିପୋଖରୀ ବ୍ଲକ୍‌ର ଗୁରୁଜନ ଓ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ମଞ୍ଜୁଶ୍ରୀ ବେହେରା
ପଞ୍ଚାୟତ ସମିତି ଅଧ୍ୟକ୍ଷା, ଭଣ୍ଡାରିପୋଖରୀ

ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ
ଶୁଭେଚ୍ଛା ବାର୍ତ୍ତା
ଓଡ଼ିଶାର ଅଗ୍ରଣୀ ଖବରକାଗଜ 'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣ, ବୁଦ୍ଧିଜୀବୀ ଓ ଭୋଟର ଭାଇଭଉଣୀମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ପ୍ରଫୁଲ୍ଲ ସାମଲ
ବିଧାୟକ, ଭଣ୍ଡାରିପୋଖରୀ

# ଫାଇଲରେ ସୀମିତ ସିସିଟିଭି ସର୍ଭିଲାନ୍ସ ଯୋଜନା

**ଭଦ୍ରକ ଅଫିସ, ୮।୯**

ଭଦ୍ରକ ସହରରେ ଲୁଟ୍, ରାହାଜାନି, ଡକାୟତି ଓ ଚୋରି ଘଟଣା ବୃଦ୍ଧି ପାଉଛି। ଜଣେ ମଧ୍ୟ ଅପରାଧୀ ପୋଲିସ ଦ୍ୱାରା କାବୁ ହେବାର ନଜିର ନାହିଁ। କାଁ ଭାଁ ଲୁଟେରାଙ୍କୁ ପୋଲିସ କାବୁ କରୁଥିଲେ ମଧ୍ୟ ହାର୍ଡକୋର୍ କ୍ରିମିନାଲ କିମ୍ବା ଡକାୟତ ଧରା ନ ପଡ଼ିବା ସହରବାସୀଙ୍କୁ ଚିନ୍ତାରେ ପକାଇଛି। ସହର ଓ ଏହା ଆଖପାଖ ଅଞ୍ଚଳକୁ ନିୟନ୍ତ୍ରଣ କରିବାକୁ ୩ଟି ସହରାଞ୍ଚଳ, ଗ୍ରାମାଞ୍ଚଳ ଓ ପୁରୁଣାବଜାର ଥାନା ରହିଥିଲେ ମଧ୍ୟ ଅପରାଧୀମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଅପରାଧ ଘଟାଇବାକୁ ପଛାଉ ନାହାଁନ୍ତି। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ଟାଉନ ଥାନାରେ ୨୬୨, ଗ୍ରାମାଞ୍ଚଳ ଥାନାରେ ୪୮୧ ଓ ପୁରୁଣାବଜାର ଥାନାରେ ୧୬୫ ମୋଟ ୯୦୮ଟି ମାମଲା ରୁଜୁ ହୋଇସାରିଛି। ଭଦ୍ରକ ସହରରେ ସିସିଟିଭି ସର୍ଭିଲାନ୍ସ ଯୋଜନା କେବଳ ଫାଇଲ୍‌ରେ ଅଟକି ରହିଛି।

ଉଲ୍ଲେଖନୀୟ ଯେ, ୨୦୧୮ ନଭେମ୍ବର ୧୨ ତାରିଖରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ପୂର୍ବତନ ଓଡ଼ିଶା ଆରକ୍ଷୀ ମହାନିର୍ଦ୍ଦେଶକ ଡ. ରାଜେନ୍ଦ୍ର ପ୍ରସାଦ ଶର୍ମା ଜିଲାର ବିଭିନ୍ନ ଥାନା ଅଞ୍ଚଳର ଅପରାଧ ଓ ପୋଲିସର ପଦକ୍ଷେପକୁ ନେଇ ସମୀକ୍ଷା କରିଥିଲେ। ଭଦ୍ରକ ଏକ ଅପରାଧ ପ୍ରବଣ ଜିଲା ହୋଇଥିବା କହିବା ସହ ସହରର ସମ୍ବେଦନଶୀଳ ସ୍ଥାନରେ ପୋଲିସ ପକ୍ଷରୁ ସିସିଟିଭି ଲଗାଯିବା ପାଇଁ ସ୍ଥିର କରାଯାଇଥିବା ସେ ସୂଚନା ଦେଇଥିଲେ। ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରେ ମଡେଲ କଣ୍ଟ୍ରୋଲରୁମ୍ ସ୍ଥାପନ ପାଇଁ ରାଜ୍ୟ ପୋଲିସ ପ୍ରାଥମିକ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ସେ କହିଥିଲେ। ମାତ୍ର ତାହା ଏଯାଏ କାର୍ଯ୍ୟକାରୀ ହୋଇପାରି ନାହିଁ। ସେହିପରି ଦୁଇମାସ ମଧ୍ୟରେ ସହରରୁ ୧୫ରୁ ଊର୍ଦ୍ଧ୍ୱ ବାଇକ୍ ଚୋରି ହୋଇଛି। ୫ରୁ ଊର୍ଦ୍ଧ୍ୱ ସ୍ଥାନରୁ ଡିକି ଭାଙ୍ଗି ଟଙ୍କା ଲୁଟ୍ ସାଙ୍ଗକୁ ମହିଳା ଓ ବରିଷ୍ଠ ନାଗରିକଙ୍କଠାରୁ ପୋଲିସ ପରିଚୟ ଦେଇ ଏକା ଢଙ୍ଗରେ ଅଳଙ୍କାର ଲୁଟ୍ ଘଟଣା ଘଟିଛି। ଏହିଭଳି ବାରମ୍ବାର ଲୁଟ୍ ଘଟଣା ଘଟି ଚାଲିଥିବା ବେଳେ ପୋଲିସ କେବଳ ମାମଲା ରୁଜୁ କରି ଚୁପ୍ ହୋଇ ବସୁଛି ବୋଲି ଅଭିଯୋଗ ହେଉଛି। ଏଯାଏ ଜଣେ ହେଲେ ମଧ୍ୟ ଲୁଟେରାଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇ ନ ଥିବା ଜଣାପଡ଼ିଛି। ସିସିଟିଭି ସର୍ଭିଲାନ୍ସ ଯୋଜନା କାର୍ଯ୍ୟକାରୀ ହୋଇଥିଲେ ଅପରାଧୀଙ୍କ ଗତିବିଧି ଉପରେ ନଜର ରହିପାରିଥାନ୍ତା ବୋଲି ଆଇନଜୀବୀ ଅତିଶ ବେହେରା ମତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏସ୍‌ଡିପିଓ ଜଳନ୍ଧର ଜାଲିଙ୍କୁ ପଚାରିବାରୁ କହିଛନ୍ତି, ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବା ଲାଗି ପୋଲିସ ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ସିସିଟିଭି ସର୍ଭିଲାନ୍ସ କାର୍ଯ୍ୟ କରିବା ଜିଲା ପ୍ରଶାସନ କିମ୍ବା ପୌରାଞ୍ଚଳର ଦାୟିତ୍ୱ। ଅନ୍ୟପକ୍ଷେ ପ୍ରଶାସନ ନିକଟରେ ପ୍ରଚୁର ଅର୍ଥ ନାହିଁ। ଏଣୁ ଜିଲା ପୋଲିସ କିମ୍ବା କୌଣସି ରାଜନୈତିକ ନେତାଙ୍କ ନିଜସ୍ୱ ଫଣ୍ଡରୁ ଏହା କାର୍ଯ୍ୟକାରୀ କରାଗଲେ ଠିକ୍ ହେବ ବୋଲି ଜିଲାପାଳ ଜ୍ଞାନରଞ୍ଜନ ଦାସ କହିଛନ୍ତି।

- ସହରରେ ବଢ଼ୁଛି ଅପରାଧ, ଲାଗୁନି ସିସିଟିଭି
- ୮ ମାସରେ ୩ ଥାନାରେ ୯୦୮ ମାମଲା
- କାବୁରେ ନାହାନ୍ତି ଅପରାଧୀ, ମାମଲା ରୁଜୁ କରି ପୋଲିସ ଚୁପ୍



ଅପର୍ତ୍ତିବିନ୍ଧାର ଉମାକାନ୍ତ ବେହୁରିଆଙ୍କ ଘରୁ ଚୋରି।

## ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**ଭଦ୍ରକ ଅଫିସ, ୮।୯:** ଭଦ୍ରକ ଅପର୍ତ୍ତିବିନ୍ଧାର ବରିଷ୍ଠ ନାଗରିକ ଉମାକାନ୍ତ ବେହୁରିଆ ଓ ତାଙ୍କ ସ୍ତ୍ରୀ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁସନ୍ଧ୍ୟା ଦାସଙ୍କ ଘରୁ ଶନିବାର ରାତିରେ ଚୋରି ହୋଇଛି। ତୃତୀୟଥର ପାଇଁ ଉମାକାନ୍ତଙ୍କୁ ଘରୁ ଚୋରି ହୋଇଛି। ସୂଚନା ଅନୁସାରେ, ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ସେମାନେ ଭୁବନେଶ୍ୱର ଯାଇଥିବା ବେଳେ ଚୋରମାନେ ତାଲା ଭାଙ୍ଗି ଘରେ ପଶି ସୁନାଗହଣା ସାଙ୍ଗକୁ ଏଲ୍‌ଇଡି ଟିଭି ଓ ସିସିଟିଭି ହାର୍ଡଡିସ୍କ ଚୋରି କରି ନେଇଯାଇଛନ୍ତି। ଏ ନେଇ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ପୂର୍ବ ଦୁଇଥର ଭଳି ତଦନ୍ତ କରି ଫେରିଛି। କିନ୍ତୁ ଫଳ ଶୂନ। ସୂଚନାଥାଉ କି, ପୂର୍ବରୁ ୨୦୧୮ ଜୁଲାଇ ୨୫ ଓ ଗତ ମେ ୩୦ ତାରିଖରେ ସେମାନଙ୍କ ଘରୁ ଚୋରି ହୋଇଥିଲା। ଚୋରି ତରିକା ଏକାପ୍ରକାର ହୋଇଥିବାରୁ ଗୋଟିଏ ଗ୍ୟାଙ୍ଗ୍‌ର ଏଭଳି କାଣ୍ଡ ବୋଲି ଅନୁମାନ କରାଯାଉଛି। ପୂର୍ବରୁ ସିସିଟିଭି ଭାଙ୍ଗୁଥିଲେ ଏବେ କିନ୍ତୁ ହାର୍ଡଡିସ୍କ ଚୋରାଇ ନେଇଛନ୍ତି।

## ପୀରବାବା ହୋଜୁର ମୁଜାହିଦେଇ ମିଲ୍ଲତଙ୍କ ଜନ୍ମୋତ୍ସବ



ଧାମନଗର ଖାନ୍‌କା ସରିଫରେ ଚାଦର ଚଢ଼ା ଯାଉଛି।

**ଧାମନଗର, ୮।୯ (ଡି.ଏନ.ଏ.):** ଧାମନଗର ଖାନ୍‌କା ସରିଫର ପ୍ରତିଷ୍ଠାତା ତଥା ମୁସଲମାନ ଧର୍ମଗୁରୁ ପୀରବାବା ହୋଜୁର ମୁଜାହିଦେଇ ମିଲ୍ଲତଙ୍କ ୧୧୮ତମ ଜନ୍ମ ବାର୍ଷିକୀ କାଜିମହଲାଠାରେ ପାଳିତ ହୋଇଯାଇଛି। ଖାନ୍‌କା ସରିଫ ମସଜିଦରେ ରବିବାର ଭୋର ସମୟରେ ପୀରବାବାଙ୍କ ମଜାର ସରିଫରେ ପବିତ୍ର ସ୍ନାନ ପରେ ମତଅଲ୍ଲୀ ମୌଲାନା ଆଲ୍‌ହାଜ ସୟଦ ଗୋଲାମ ମହମ୍ମଦ ହବିବିଙ୍କ ଦ୍ୱାରା କୁରାନ ଖାନି ଓ ଫାତେହା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଲଙ୍ଗର କାର୍ଯ୍ୟକ୍ରମ ମାଧ୍ୟମରେ ଗରିବମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଅପରାହ୍ନରେ ଧାମନଗରର କୋରେଶି ମହଲା, କାଜିନଗର, ନାୟକ ସାହି, ପଠାଣ ମହଲା, କାଜିମହଲା, ବାଉଁଶ ବାଡ଼ି, ବଜାରସାହି, ମୁଲଣାସାହି, ହବିବନଗର, ମୁଜାହିଦନଗର, ମୁନିସିପାଟଣା ଓ କଣ୍ଟାବଣିଆ ଆଦି ମୁସଲମାନ ସାହିରୁ ଚାଦର ଶୋଭାଯାତ୍ରା ବାହାରି ଖାନକା ସରିଫ ପୀରବାବାଙ୍କ ଆସ୍ଥାନରେ ଚାଦର ଚଢ଼ାଯାଇଥିଲା। ରାତି ୮ଟାରୁ ପୀରବାବାଙ୍କ ଜୀବନୀ ଆଧାରିତ ମୁଶାଏରା ଓ ତକରିର କାଜି ମହଲାରେ ଅନୁଷ୍ଠିତ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଧାମନଗର ଥାନା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ଅଗଷ୍ଟ ମାସର ଛତୁଆ ପାଇଲେନି ଶିଶୁ, ପ୍ରସୂତି

**ବନ୍ତ, ୮।୯ (ଡି.ଏନ.ଏ.) :** ଭଦ୍ରକ ଜିଲା ବନ୍ତ ବ୍ଲକର ସମସ୍ତ ଅଙ୍ଗନୱାଡି କେନ୍ଦ୍ର ଅଧୀନ ଶିଶୁ, ଗର୍ଭବତୀ ଓ ପ୍ରସୂତିମାନେ ଅଗଷ୍ଟ ମାସର ଛତୁଆ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରାଯାଇଛି। ନୂଆ ନିୟମ ପାଇଁ ଏପରି ସମସ୍ୟା ହୋଇଥିବା ପ୍ରଶାସନ ସୂତ୍ରରୁ ପ୍ରକାଶ। ଉଲ୍ଲେଖନୀୟ ଯେ, ରାଜ୍ୟ ସରକାର ସମସ୍ତ ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କୁ ସୁସ୍ଥ ରଖିବା ଲକ୍ଷ୍ୟରେ ଅଙ୍ଗନୱାଡି ମାଧ୍ୟମରେ ସୁଷମ ଖାଦ୍ୟ ପ୍ରଦାନର ବ୍ୟବସ୍ଥା କରିଛନ୍ତି। ଚଳିତ ମାସଠାରୁ ପ୍ରତି ମାସ ୧ ତାରିଖରେ ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ଛତୁଆ ବଣ୍ଟନ କରାଯିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୩ ତାରିଖଠାରୁ ଜିଲା ପ୍ରଶାସନ ଉପସ୍ଥିତିରେ ସମସ୍ତ ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ମିଶ୍ରଣ କାର୍ଯ୍ୟ ହୋଇଛି। ଏହି ପରିପ୍ରେକ୍ଷୀରେ ଗତ ୧ ତାରିଖରେ ବନ୍ତ ବ୍ଲକର ୨୩୮ଟି ଅଙ୍ଗନୱାଡି କେନ୍ଦ୍ରରେ ଛତୁଆ ବଣ୍ଟନ କରାଯାଇଛି। ଏହି ଛତୁଆ ସେପ୍ଟେମ୍ବର ମାସର ଦିଆଯାଇଥିବା ବେଳେ ଅଗଷ୍ଟ ମାସର ଛତୁଆ ଦିଆଯାଇ ନ ଥିଲା। ଏ ସମ୍ପର୍କରେ ଗର୍ଭବତୀ ଓ ପ୍ରସୂତିମାନେ ଅଭିଯୋଗ କରିବାରୁ ସେମାନଙ୍କୁ ଅଗଷ୍ଟ ମାସର ଛତୁଆ ଦିଆଯାଇ ନ ଥିବା ଅଙ୍ଗନୱାଡି କର୍ମୀମାନେ କହିଥିଲେ। ତେବେ ଅଗଷ୍ଟ ମାସର ଛତୁଆ କୁଆଡେ ଗଲା ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସିଡିପିଓ ରେଣୁବାଳା ଦାଶଙ୍କୁ ପଚାରିବାରୁ ସରକାରଙ୍କ ନୂଆ ନିୟମ ଅନୁଯାୟୀ ଗତ ୨୩ ତାରିଖରେ ମିଶ୍ରଣ କରାଯାଇ ୧ ତାରିଖରେ ଛତୁଆ ବଣ୍ଟନ କରାଯାଇଛି ବୋଲି କହିଛନ୍ତି।

## ଏମ୍‌ସରେ ଭର୍ତ୍ତି ହେଲେ ମାନସ



ଏମ୍‌ସ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି ମାନସ।

**ବନ୍ତ, ୮।୯ (ଡି.ଏନ.ଏ.):** ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଅଧୀନ ନିମାପଡା ଗ୍ରାମର ନାରାୟଣ ଚନ୍ଦ୍ର ପଣ୍ଡାଙ୍କ ପୁଅ ମାନସ କିଛିମାସ ତଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଦୁର୍ଘଟଣାରେ ତାଙ୍କ ମସ୍ତିଷ୍କରେ ଗଭୀର ଆଘାତ ଲାଗି ବ୍ରେନ୍ ହାମ୍‌ରେଜ ହୋଇଥିଲା। ସେବେଠାରୁ ସେ ରୋଗ ଶଯ୍ୟାରେ ପଡ଼ି ଯନ୍ତ୍ରଣାରେ ଛଟପଟ ହେଉଥିଲେ। ଅର୍ଥାଭାବ ଯୋଗୁ ଆବଶ୍ୟକ ଚିକିତ୍ସା ହୋଇପାରୁ ନ ଥିଲା। ଏ ସମ୍ପର୍କରେ ଗତ ଶୁକ୍ରବାର ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଯାଇଥିଲା। ଏଥିସହ ନିମାପଡ଼ା ଅଞ୍ଚଳର ବରିଷ୍ଠ ଖବରଦାତା ପତଞ୍ଜଳି କରଶର୍ମା କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ ସହ ଯୋଗାଯୋଗ କରିଥିଲେ। କେନ୍ଦ୍ରମନ୍ତ୍ରୀ ଓ ଜିଲା ପ୍ରଶାସନ ସହାୟତାରେ ଶନିବାର ମାନସଙ୍କୁ ଭୁବନେଶ୍ୱର ଏମ୍‌ସ ହସ୍‌ପିଟାଲରେ ଭର୍ତ୍ତିକରାଯାଇଛି। ତାଙ୍କୁ ଆବଶ୍ୟକ ଚିକିତ୍ସା ସେବା ଯୋଗାଇ ଦିଆଯାଇଛି। ପୁଅ ଏମ୍‌ସରେ ଭର୍ତ୍ତି ହେବା ପରେ ମା’ ଗୀତାରାଣୀ ପଣ୍ଡା କେନ୍ଦ୍ରମନ୍ତ୍ରୀ, ଜିଲା ପ୍ରଶାସନ, ସାମାଜିକ କର୍ମୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ କୃତଜ୍ଞତା ଜଣାଇଛନ୍ତି।

## କୃତୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

**ପଦ୍ମପୁର, ୮।୯ (ଡି.ଏନ.ଏ.):** ବାସୁଦେବପୁର ବ୍ଲକ ରବର୍ଟ ଉଚ୍ଚ ବିଦ୍ୟାଳୟର ଦୁଇ କୃତୀ ଛାତ୍ରୀଛାତ୍ରଙ୍କୁ ଓଷ୍ଟା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଓଷ୍ଟା ତରଫରୁ ଆୟୋଜିତ ମେଧା ଅନ୍ୱେଷଣ ପରୀକ୍ଷାରେ ସଫଳତା ପାଇଁ ଛାତ୍ରୀ ଅଳକା ପ୍ରିୟଦର୍ଶିନୀ ସାହୁ ଓ ଛାତ୍ର ସାଇଜ୍ୟୋତି ପାଢ଼ୀଙ୍କୁ ଏହି ସମ୍ବର୍ଦ୍ଧନା ଦିଆଯାଇଛି। ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସଠାରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



# ଜେଏମ୍ଏଫ୍‌ସି କୋର୍ଟ ସ୍ଥାନାନ୍ତରକୁ ବିରୋଧ

## ୨୪ରେ ବନ୍ଦ ଡାକରା ଦେଲା ଜଳେଶ୍ୱର ବୁଦ୍ଧିଜୀବୀ ସଙ୍ଗଠନ

**ଜଳେଶ୍ୱର, ୮।୯**

ବାଲେଶ୍ୱର ଜିଲା ଜଳେଶ୍ୱରରେ ଥିବା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମଏଫସି)ଙ୍କ କୋର୍ଟ ସ୍ଥାନାନ୍ତରକୁ ନେଇ ବୁଦ୍ଧିଜୀବୀ ମହଲରେ ବିରୋଧ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜଳେଶ୍ୱର ବୁଦ୍ଧିଜୀବୀ ସଚେତନତା ସଙ୍ଗଠନ ପକ୍ଷରୁ ଏକ ବୈଠକ ରବିବାର ଜଳେଶ୍ୱର ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସିପିଏମ୍ ନେତା ସିତାଂଶୁ ସେନାପତି ସଭାପତିତ୍ୱ କରିଥିଲେ। ଏହି କୋର୍ଟ ଲକ୍ଷ୍ମଣନାଥ ନିକଟକୁ ସ୍ଥାନାନ୍ତର ହେଲେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଏହି ସ୍ଥାନ ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନ ଓ ଜଳେଶ୍ୱର ସହରଠାରୁ ବହୁ ଦୂରରେ ଅବସ୍ଥିତ। ତେଣୁ ସେଠାକୁ



ବୈଠକରେ ଉପସ୍ଥିତ ସଙ୍ଗଠନର ସଦସ୍ୟ।

ଯିବା ଆସିବାରେ ଲୋକମାନେ ଅଧିକା ଖର୍ଚ୍ଚାନ୍ତ ହେବେ। ସେଠାରେ ହୋଟେଲ, ଜଳଖିଆ ଦୋକାନ, ବଜାର ନ ଥିବାରୁ ସେଠାକୁ ଯାଉଥିବା ଲୋକମାନେ ଅସୁବିଧାରେ ପଡିବେ। ନିକଟରେ ପଶ୍ଚିମବଙ୍ଗ ସୀମା ହୋଇଥିବାରୁ ଅପରାଧୀମାନେ ସହଜରେ ଖସିଯିବାର ସମ୍ଭାବନା ରହିଛି। ନିକଟରେ ୬୦ନଂ. ଜାତୀୟ ରାଜପଥ ଯାଇଥିବାରୁ ଦୁର୍ଘଟଣାର ଆଶଙ୍କା ଅଧିକ ରହିଛି ବୋଲି ମତ ପ୍ରକାଶ ପାଇଥିଲା। ଏଭଳି ବିଭିନ୍ନ ସମସ୍ୟା ଥିବାରୁ ସହର ମଧ୍ୟରେ କୋର୍ଟ ସ୍ଥାପନ କରିବା ପାଇଁ ସଙ୍ଗଠନ ସଦସ୍ୟମାନେ ଦୃଢ ଦାବି ଜଣାଇଥିଲେ। ଏଥିପ୍ରତି ଗୁରୁତ୍ୱ ଦିଆ ନ ଗଲେ ଆସନ୍ତା ୨୪ତାରିଖ ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ଜଳେଶ୍ୱର ବନ୍ଦ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବନ୍ଦ ସମୟରେ ଡାକ୍ତରଖାନା, ଔଷଧ ଦୋକାନ, ଆମ୍ବୁଲାନ୍ସ ସେବା, ଟ୍ରେନକୁ ବାଦ୍ ଦେଇ ଅନ୍ୟ ସମସ୍ତ ଅନୁଷ୍ଠାନ, କୋର୍ଟ, କଚେରି, ସ୍କୁଲ, କଲେଜ ଆଦି ବନ୍ଦ ରହିବ ବୋଲି କୁହାଯାଇଛି। ବୈଠକରେ ବରିଷ୍ଠ ଆଇନଜୀବୀ ଜିତାଂଶୁ ନନ୍ଦୀ, ସିପିଏମ ନେତା ଦିଲୀପ ଗିରି, ଭାଜପା ନେତା ଅରୁଣ ବେଜ, ପୂର୍ବତନ ବିଧାୟକ ଦେବୀପ୍ରସନ୍ନ ଚାନ୍ଦ, ବିଜେଡି ନେତା ବାଣୀ ଦାସମହାପାତ୍ର, ଶ୍ରୀକୁମାର କୃଷ୍ଣ କର, ସୁବ୍ରତ ବେରା, ଅଶୋକ କୁମାର ଜେନା, ଭାସ୍କର ମିଶ୍ର, ସିଦ୍ଧେଶ୍ୱର ତ୍ରିପାଠୀ, ଗଣେଶ ଚନ୍ଦ୍ର ମାଇତି, ନିତ୍ୟାନନ୍ଦ ଦାସ, ବନଜା ଦାସ, ଦେବଯାନୀ ଅଣ୍ଡିଆ, ରୀତା ଭୋଇ, କାର୍ତ୍ତିକ ଚନ୍ଦ୍ର ଗିରି, ଖଗେନ୍ଦ୍ର ସାହୁ ଓ ଗଣେଶ ଜେନା ପ୍ରମୁଖ ବହୁ ବୁଦ୍ଧିଜୀବୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ଅତିଥିମାନଙ୍କ ଗହଣରେ ଜମିପଟ୍ଟା ପାଇଥିବା ୨୨ ହିତାଧିକାରୀ।

### ପଞ୍ଚାୟତ ସମିତି ବୈଠକ

# ସମସ୍ୟା ଶୁଣିଲେ ମନ୍ତ୍ରୀ

**ସିମୁଳିଆ, ୮।୯(ଡି.ଏନ.ଏ.)**

ସିମୁଳିଆ ବ୍ଲକ ସମ୍ମିଳନୀ ପ୍ରକୋଷ୍ଠରେ ଶନିବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଡ. ନରହରି ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ରୂପେ ପର୍ଯ୍ୟଟନ ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ସମ୍ମାନନୀୟ ଅତିଥି ରୂପେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ବିଭିନ୍ନ ବିଭାଗର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ଘନ ଘନ ଓ ଅଘୋଷିତ ବିଦ୍ୟୁତ କାଟ୍ ମୁଖ୍ୟ ସମସ୍ୟା ବୋଲି ସରପଞ୍ଚ ଓ ସମିତିସଭ୍ୟମାନେ ଅଭିଯୋଗ କରିଥିଲେ। ଗ୍ରାମାଞ୍ଚଳର କୁନି କୁନି ପିଲାମାନଙ୍କ ପାଇଁ ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ରରେ ମାଗଣା ବିଦ୍ୟୁତ୍ ସଂଯୋଗ ପାଇଁ ବାଟି ସରପଞ୍ଚ ଶରତ କୁମାର ନାୟକ ଦାବି କରିଥିଲେ। ଏହାକୁ କାର୍ଯ୍ୟକାରୀ କରାଯିବା ପାଇଁ ମନ୍ତ୍ରୀ ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି କୃଷି ପାଇଁ କୀଟନାଶକ ଔଷଧର ପରମିଟ୍ କୃଷି ବିଭାଗ କାର୍ଯ୍ୟାଳୟରେ କଟା ନ ଯାଇ ପଞ୍ଚାୟତରେ କଟାଯିବା, ବିଭିନ୍ନ ବେସରକାରୀ ବିଦ୍ୟାଳୟରେ ମନମୁଖି କାରବାର ବନ୍ଦ କରିବା, ଫି' ହ୍ରାସ କରିବା, ବିଭିନ୍ନ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅଭାବ ପୂରଣ କରାଯିବା ସମ୍ପର୍କରେ କ୍ଷୀରକୋଣା ସମିତିସଭ୍ୟ ଅନନ୍ତ ପ୍ରସାଦ ପାଢ଼ୀ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ବିଭିନ୍ନ ହିତାଧିକାରୀମାନଙ୍କୁ କାଳିଆ ଟଙ୍କା ମିଳି ନ ଥିଲେ ହେଁ ସେମାନଙ୍କ ନାମ ଅନଲାଇନରେ ଦେଖାଉଥିବା ସରପଞ୍ଚ ଓ ସମିତିସଭ୍ୟମାନେ ଅଭିଯୋଗ କରିଥିଲେ। ପର୍ଯ୍ୟଟନ ମନ୍ତ୍ରୀ ଦଳଗତ ନିର୍ବିଶେଷରେ ସମସ୍ତ ଜନସାଧାରଣଙ୍କୁ ସେବା ଯୋଗାଇ ଦେବା ପାଇଁ ସରପଞ୍ଚ ଓ ସମିତିସଭ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ଏହିଅବସରରେ ସିମୁଳିଆର ଅତିରିକ୍ତ ତହସିଲଦାର ସ୍ମୃତିରେଖା ଦାସ ଅଡ଼ା ପଞ୍ଚାୟତର ୮ ଓ ମଇତାପୁର ପଞ୍ଚାୟତର ୧୪ଜଣ ଭୂମିହୀନଙ୍କ ନାମ ଘୋଷଣା କରିଥିଲେ। ବସୁନ୍ଧରା ଯୋଜନାରେ ଏହି ହିତାଧିକାରୀମାନଙ୍କୁ ଜମିପଟ୍ଟା ବଣ୍ଟନ କରାଯାଇଥିଲା। ବିଭିନ୍ନ ବିଭାଗର ସରକାରୀ ଅଧିକାରୀମାନଙ୍କ ସମେତ ସରପଞ୍ଚ ଓ ସମିତିସଭ୍ୟମାନେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### କୁକୁଡାଫାର୍ମ ନିକଟରୁ ଅହିରାଜ ଉଦ୍ଧାର



**ସୋର, ୮।୯(ଡି.ଏନ.ଏ.):** ସୋର ବ୍ଲକ ସିଙ୍ଗାଖୁଣ୍ଟା ପଞ୍ଚାୟତ ସରଳିଆ ଗ୍ରାମରେ ଥିବା ଏକ କୁକୁଡା ଫାର୍ମ ନିକଟରୁ ଶନିବାର ରାତିରେ ୧୫ ଫୁଟ୍ ଲମ୍ବର ଅହିରାଜ ଉଦ୍ଧାର ହୋଇଛି। ପରେ ବନ ବିଭାଗ ତତ୍ତ୍ୱାବଧାନରେ କୁଲଡିହା ଅଭୟାରଣ୍ୟରେ ଛଡାଯାଇଛି। ଏହି ଗ୍ରାମର ରବୀନ୍ଦ୍ର କୁମାର ଜେନାଙ୍କ କୁକୁଡା ଫାର୍ମକୁ ତାଙ୍କର ଦୁଇ ପୁଅ ହେମନ୍ତ ଓ ପ୍ରଶାନ୍ତ ସନ୍ଧ୍ୟାରେ ଯାଉଥିବା ବେଳେ ଫାର୍ମ ନିକଟ ପୋଖରୀ ହୁଡାରେ ଥିବା ଏକ ବୁଦା ନିକଟରେ ଏହି ବିରାଟକାୟ ଅହିରାଜକୁ ଦେଖିଥିଲେ। ଲୋକଙ୍କୁ ଦେଖି ଅହିରାଜ ଗର୍ଜନ କରୁଥିବାରୁ ଏହି ଦୁଇ ଜଣ ଭୟଭୀତ ହୋଇ ବନବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ। ପରେ ଫରେଷ୍ଟଗାର୍ଡ ପୂର୍ଣ୍ଣଚନ୍ଦ୍ର ସିଂ ପହଞ୍ଚି ସ୍ନେକ୍ ହେଲପଲାଇନ୍‌ର ପ୍ରତାପ ମର୍ଦ୍ଦରାଜଙ୍କୁ ଜଣାଇଥିଲେ। ମର୍ଦ୍ଦରାଜ ସେଠାରେ ପହଞ୍ଚି ସାପକୁ ଧରି ବନ ବିଭାଗ ସହାୟତାରେ କୁଲଡିହା ଅଭୟାରଣ୍ୟରେ ଛାଡିବାକୁ ରାତିରେ ନେଇଯାଇଥିଲେ।

### ତେଲଦିଆ-ତ୍ରିଲୋଚନପୁର ରାସ୍ତାରେ ଚାରାରୋପଣ

**ଖଇରା, ୮।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ତେଲଦିଆ-ତ୍ରିଲୋଚନପୁର ରାସ୍ତା କଡରେ ସ୍ଥାନୀୟ ଯୁବଗୋଷ୍ଠୀଙ୍କ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ତେଲଦିଆ ଗ୍ରାମର ଯୁବକମାନେ ରାଜକୁମାର ପ୍ରଧାନଙ୍କ ଦ୍ୱାରା ଗ୍ରାମର ଯୁବଗୋଷ୍ଠୀଙ୍କ ନିକଟରୁ ଯତ୍ କିଞ୍ଚିତ ଅର୍ଥ ଆଦାୟ କରାଯାଇ ଗଛ କିଣାଯିବା ସହ ବାଡ ପାଇଁ ଆବଶ୍ୟକ ସରଞ୍ଜାମ ଯୋଗାଡ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅଭିମନ୍ୟୁ ବେହେରା, ସୁଶାନ୍ତ ପ୍ରଧାନ, ଶମ୍ଭୁନାଥ ପ୍ରଧାନ, ମାଧବ ପଣ୍ଡା, ଚଗଲା ବିଶ୍ୱାଳ, ଅଜୟ ବେହେରା, ରବୀନ୍ଦ୍ର ବେହେରା, ସନ୍ତୋଷ ବେହେରା ଓ ବାବୁ ଦାସ ପ୍ରମୁଖ ସାମିଲ ହୋଇଥିଲେ।

### ଜ୍ଞାନବିଜ୍ଞାନ ମେଳାରେ ୧୮୮ ପ୍ରକଳ୍ପ

**ଜଳେଶ୍ୱର, ୮।୯:** ଜଳେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବାଲେଶ୍ୱର ବିଭାଗସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଶୁକ୍ରବାର ଓ ଶନିବାର ଦୁଇଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ଦୀନକୃଷ୍ଣ ମହାବିଦ୍ୟାଳୟର ରସାୟନ ବିଭାଗର ମୁଖ୍ୟ ଡ. ଚିତ୍ତରଞ୍ଜନ ଭଞ୍ଜ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଶିଶୁ ବିଦ୍ୟାମନ୍ଦିର ସଭାପତି ଗୌରୀଶଙ୍କର ଦାସ, ବାଲେଶ୍ୱର ଶିକ୍ଷାବିକାଶ ସମିତିର ବିଭାଗ ସହ ପ୍ରମୁଖ ଗୋପାଳ ଚନ୍ଦ୍ର ଦାସ, ବିଭାଗ ନିରୀକ୍ଷକ ହରିଶ ଚନ୍ଦ୍ର ପଣ୍ଡା ଓ ଜଳେଶ୍ୱର ଶିଶୁ ବିଦ୍ୟାମନ୍ଦିର ସମ୍ପାଦକ କପିଳେଶ୍ୱର ମହାନ୍ତି ପ୍ରମୁଖ ଯୋଗଦେଇ ମେଳାରେ ଭାଗ ନେଇଥିବା ଛାତ୍ରୀଛାତ୍ରୀଙ୍କୁ ବିଜ୍ଞାନର ଉପାଦେୟତା ବିଷୟରେ ବକ୍ତବ୍ୟ ଦେଇଥିଲେ। ଜ୍ଞାନବିଜ୍ଞାନ ମେଳାରେ ମୋଟ ୧୮୮ ଛାତ୍ରୀଛାତ୍ର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଶନିବାର ଉଦ୍‌ଯାପନୀ ଦିବସରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

### ପୂର୍ବତନ ଅର୍ଥମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା

**ଖଇରା, ୮।୯(ଡି.ଏନ.ଏ.):** ଖଇରା ଭାଜପା ପକ୍ଷରୁ ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିସଭା ଶନିବାର ଖଇରାଠାରେ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ଆଲୋକ ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ବରିଷ୍ଠ ନେତା କରୁଣାକର ମହାନ୍ତି, ଉମ୍ବରୁଧର ମହାନ୍ତି, ସତ୍ୟବ୍ରତ ବେହେରା, ସମିତିସଭ୍ୟ ଚିନ୍ତାମଣି ଦାସ, ମହିଳା ନେତ୍ରୀ ଗୌରୀ ମହାପାତ୍ର ପ୍ରମୁଖ ତାଙ୍କ ବକ୍ତବ୍ୟରେ ଅର୍ଥମନ୍ତ୍ରୀଙ୍କ ବିଭିନ୍ନ ଅବଦାନ ଉପରେ ଆଲୋକପାତ କରିଥିଲେ। ପରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଚାରାରୋପଣ ଲାଗି ନିଷ୍ପତ୍ତି ନିଆଯାଇଥିଲା।

# ସରିଲା ଜୋନସ୍ତରୀୟ ବିଭିନ୍ନ ପ୍ରତିଯୋଗିତା

**ବାଲେଶ୍ୱର ଅଫିସ, ୮।୯**

ଜିଲା ଆଇନସେବା ପ୍ରାଧିକରଣ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜୋନ୍‌ସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ରବିବାର ଶେଷ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି।

ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷା ରାମଶଙ୍କର ହୋତା ପ୍ରଦୀପ ପ୍ରଜ୍ୱଳନ କରି ପ୍ରତିଯୋଗିତାକୁ ଶୁଭାରମ୍ଭ କରିଥିଲେ। ଜୋନ୍‌ସ୍ତରୀୟ ସ୍କିଟ୍ ପ୍ରତିଯୋଗିତାରେ କେନ୍ଦ୍ରାପଡା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ବିଜୟୀ ହୋଇଥିବା ବେଳେ ବାଲେଶ୍ୱର ରସାଲପୁର ହାଇସ୍କୁଲ ରନର୍ସଅପ୍ ହୋଇଥିଲା। ରଚନା ପ୍ରତିଯୋଗିତାରେ ବାଲେଶ୍ୱର ମିଶନ ହାଇସ୍କୁଲ୍‌ର ସୁଚିସ୍ମିତା ସାହୁ ପ୍ରଥମ, ଭଦ୍ରକର ଆର.ସି.ବି.ଏଲ୍ ହାଇସ୍କୁଲର ଅଶୋକ କୁମାର ମହାନ୍ତି ଦ୍ୱିତୀୟ ଓ କେନ୍ଦ୍ରାପଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଈପ୍‌ସିତା କର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବକ୍ତୃତା ପ୍ରତିଯୋଗିତାରେ କେନ୍ଦୁଝରର ଶାଳପଦା ଓଡିଶା ଆଦର୍ଶ ବିଦ୍ୟାଳୟର ପ୍ରଜ୍ଞା ପ୍ରଗତିକା ନାୟକ ପ୍ରଥମ, ବାଲେଶ୍ୱର

**କୃତୀ ଛାତ୍ରୀଛାତ୍ର ପୁରସ୍କୃତ**



ପ୍ରତିଯୋଗିତାକୁ ଜିଲା ଜଜ୍ ଉଦ୍‌ଘାଟନ କରୁଛନ୍ତି।

ଜିଲା ହାଇସ୍କୁଲର ଅମ୍ରିତ୍ କଲ୍ୟାଣ ଗିରି ଦ୍ୱିତୀୟ ଓ ବାରିପଦ ଯୁଜି ପ୍ରାକ୍ଟିସିଂ ସରକାରୀ ହାଇସ୍କୁଲ୍, ତକତପୁରର ନିତୁ ମହନ୍ତି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଚିତ୍ରାଙ୍କନ ପ୍ରତିଯୋଗିତାରେ ବାଲେଶ୍ୱର ଟାଉନ୍ ହାଇସ୍କୁଲର ବିନ୍ଦୁ ସୁକେଶିନି ଦାଶ ପ୍ରଥମ, କେନ୍ଦ୍ରାପଡା ଜବାହାର ନବୋଦୟ ବିଦ୍ୟାଳୟର ପିନାୟକ ପରିଜା ଦ୍ୱିତୀୟ ଏବଂ ବାରିପଦା ଏମ.ପି.କେ. ଗର୍ଲସ ହାଇସ୍କୁଲ୍‌ର ରୂପଶ୍ରୀ ମହାରଣା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅତିରିକ୍ତ ଜିଲା ଏବଂ ଦୌରାଜଜ୍-୩ ସୋନାଲି ପଟ୍ଟନାୟକ, ବିରଷ୍ଠ ଦେୱାନୀ ବିଚାରପତି, ବାଲେଶ୍ୱର ରୁଦ୍ରପ୍ରସାଦ ମହାପାତ୍ର, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି-୧, ବାଲେଶ୍ୱର ସର୍ବେଶ୍ୱର ଦାସ, ସିଭିଲ୍ କୋର୍ଟ ରେଜିଷ୍ଟ୍ରାର ଆରାଧନା ଷଡଙ୍ଗୀ ବାଲେଶ୍ୱର ଜିଲାର ଜିଲା ମଙ୍ଗଳ ଅଧିକାରୀ ରାଜୀବ କୁମାର ସାହୁ, ବାଲେଶ୍ୱର ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ରବିନାରାୟଣ ପଣ୍ଡା, ବାଲେଶ୍ୱର ଆଇନ ମହାବିଦ୍ୟାଳୟର ଅଧ୍ୟାପକ ଜୟନ୍ତ କୁମାର ଗଡନାୟକ, ଗୁରୁ ହରେକୃଷ୍ଣ କଳା ଏବଂ ସଂସ୍କୃତି ମହାବିଦ୍ୟାଳୟର ଅଧ୍ୟାପକ ରଶ୍ମିରଞ୍ଜନ ଦାସ ଏହି ପ୍ରତିଯୋଗିତା ଚୟନ କମିଟିର ସଦସ୍ୟ ଭାବେ ଉପସ୍ଥିତ ଥିଲେ।

# ମହିଳା ଗୋଷ୍ଠୀ ପାଳିଲେ ରାଧାଷ୍ଟମୀ

**ଖଇରା, ୮।୯(ଡି.ଏନ.ଏ.):** ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ବରହମପୁର ଗ୍ରାମର ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ନିଜସ୍ୱ କାର୍ଯ୍ୟାଳୟରେ ରାଧାଷ୍ଟମୀ ପାଳନ କରିଛନ୍ତି। ପୂର୍ବରୁ ଗ୍ରାମର ମା' ବଡମ୍ମା ଓ ସାହାଡାଶୁଣୀ ମହିଳା ଗୋଷ୍ଠୀର ସଦସ୍ୟାମାନେ ଗଛ ତଳେ ରାଧାଷ୍ଟମୀ ପାଳନ କରୁଥିଲେ। ଏକ ଘର ପାଇଁ ସେମାନେ ପ୍ରଶାସନ ଓ ନେତାଙ୍କ ନିକଟରେ ଆବେଦନ କରି ବିଫଳ ହୋଇଥିଲେ। ଶେଷରେ ଖରା ବର୍ଷାରୁ ରକ୍ଷା ପାଇଁ ସମସ୍ତ ସଭ୍ୟା ଏକତ୍ର ହୋଇ ନିଜସ୍ୱ ଉଦ୍ୟମରେ ଏକ ଘର ତିଆରି କରିଛନ୍ତି। ପ୍ରଥମ କରି ଏହି ଘରେ ମହିଳାମାନେ ଶୁକ୍ରବାର ରାଧାଷ୍ଟମୀ ପାଳନ କରିଛନ୍ତି। ଏହା ତାଙ୍କୁ ଖୁବ୍ ଆନନ୍ଦ ଦେଇଥିବା ମହିଳା ଗୋଷ୍ଠୀର କର୍ମକର୍ତ୍ତା କହିଛନ୍ତି।

# ଆଶ୍ରମରେ ଆଚାର୍ଯ୍ୟ ଜୟନ୍ତୀ

**ଖଇରା, ୮।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ କୁପାରୀସ୍ଥିତ ମା' ଅମ୍ବିକା ଆଶ୍ରମରେ ଆଚାର୍ଯ୍ୟ ଜୟନ୍ତୀ କୁପାରୀ ବଣିକ ସଂଘ ଆନୁକୂଲ୍ୟରେ ଶନିବାର ପାଳିତ ହୋଇଯାଇଛି। ଆଚାର୍ଯ୍ୟ ନାନକ ଦେବଙ୍କ ବଡପୁଅ ଶ୍ରୀଚନ୍ଦ୍ର ଦେବଙ୍କ ୫୨୫ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ପ୍ରଥମେ ତାଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୂଜକ ସୁରେନ୍ଦ୍ର ନାଥ ପଣ୍ଡା ଓ ନିରଞ୍ଜନ କରଙ୍କ ଦ୍ୱାରା ଷୋଡଶ ପୂଜା ସହ ଗୀତାଯଜ୍ଞର ଆୟୋଜନ କରାଯାଇଥିଲା। ଅମ୍ବିକା ଆଶ୍ରମର ସଞ୍ଚାଳକ ଶୁଭେନ୍ଦ୍ର ମୁନୀଙ୍କୁ ମଧ୍ୟ ଶିଷ୍ୟମାନେ ପୂଜା କରିଥିଲେ। କୁପାରୀ ବଣିକ ସଂଘର ସମ୍ପାଦକ ମାନସ ପରିଡା ଓ ସଭାପତି ଅଶୋକ ଗୁପ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

# ରାଧାଦେବୀ ଥିଲେ ସେବାର ପ୍ରତୀକ

**ବାଲେଶ୍ୱର ଅଫିସ, ୮।୯:** ବାଲେଶ୍ୱର ପଦ୍ମୁଆଁପଦାସ୍ଥିତ ନାରୀସଂଘର ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଅନୁଷ୍ଠାନ ସମ୍ପାଦିକା ଅପର୍ଣ୍ଣା ମହାପାତ୍ର ସଭାପତିତ୍ୱ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ସ୍ୱର୍ଗତ ଡ. ରାଧାଦେବୀଙ୍କର ୯୦ତମ ଜନ୍ମଦିବସ ପାଳିତ ହୋଇଥିଲା।

ଜିଲା ନାରୀସଂଘ ସଭାନେତ୍ରୀ ଗୋପାମୁଦ୍ରା ମହାପାତ୍ର, ହେମଲତା ଦାସ, ଶ୍ରୀରୂପା ସେନ, ପ୍ରତିମା ପଣ୍ଡା, ବାସନ୍ତୀ ନାୟକ ପ୍ରମୁଖ ଯୋଗଦେଇ ରାଧାଦେବୀଙ୍କ ମହାନ ବ୍ୟକ୍ତିତ୍ୱ ବିଷୟରେ ବକ୍ତବ୍ୟ ରଖି ସେ ସେବାର ପ୍ରତୀକ ଥିଲେ ବୋଲି କହିଥିଲେ। ବରିଷ୍ଠ ସଦସ୍ୟା ଅଞ୍ଜଳି ଗିରି ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ନାରୀସଂଘର ପ୍ରତିଷ୍ଠା ଦିବସ ପାଳନ**




ପ୍ରତିଷ୍ଠା ଦିବସରେ ନାରୀ ସଂଘର କର୍ମକର୍ତ୍ତା।

# ମହରମ ଲାଗି ଶାନ୍ତି କମିଟି ବୈଠକ

**ଜଳେଶ୍ୱର, ୮।୯**

ଆସନ୍ତା ୧୦ତାରିଖରେ ମହରମ ପର୍ବ ପାଳନ ହେବ। ଏହି ଉପଲକ୍ଷେ ଜଳେଶ୍ୱର ଥାନା ତରଫରୁ ନୂଆବଜାର ମୁରଲୀ କଲ୍ୟାଣ ମଣ୍ଡପ ପରିସରରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ଏସ୍‌ଡିପିଓ ସୁଦର୍ଶନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜଳେଶ୍ୱର ଆଇଆଇସି ପ୍ରଦୀପ କୁମାର ମାଝି, ବିଦ୍ୟୁତ ବିଭାଗ ଏସ୍‌ଡିଓ ଭୁବନ କୁମାର ସାହୁ, ବରିଷ୍ଠ ଆଇନଜୀବୀ ସତ୍ୟସୁନ୍ଦର ଦାସ, ଚିନ୍ମୟ କୁମାର ଦାସ, ବାର୍ ଆସୋସିଏଶନ ସଭାପତି କୁଞ୍ଜବିହାରୀ ଦାସ, ଫରିଦ ଅହମ୍ମଦ, ସାମାଜିକ କର୍ମୀ ଅରୁଣ ବେଜ, ରିୟାଜ ଖାଁ, ସେକ ଅବଦୁଲ, ମୀର ଆବାସ ଅଲ୍ଲୀ, ଶଙ୍କର ଘୋଷ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ହେବାକୁ ଥିବା ଆଖଡ଼ା ଓ



ଶାନ୍ତି କମିଟି ବୈଠକରେ ଉପସ୍ଥିତ ବୁଦ୍ଧିଜୀବୀ।

ତାଜିଆ ଶୋଭାଯାତ୍ରା କିପରି ଶାନ୍ତିଶୃଙ୍ଖଳା ମଧ୍ୟରେ ହୋଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଚଳିତବର୍ଷ ରାଜପୁର, ଶେଖବାଡ଼ ଓ ଶାସନବାଡ଼ରେ ତାଜିଆ ହେବାକୁ ଥିବାବେଳେ ଝାଡ଼େଶ୍ୱରପୁର ତାଜିଆ ବନ୍ଦ ରହିବ। ତାଜିଆ ଶୋଭାଯାତ୍ରା ସନ୍ଧ୍ୟା ୫ଟାରେ ବାହାରିବ। ଏହିଦିନ ବିଦ୍ୟୁତ୍ ସମସ୍ୟାର ସମାଧାନ, ରାସ୍ତାରେ ଗଛପତ୍ର କାଟିବା, ଡ୍ରେନ ସଫା କରିବା ଓ ଜଳ ଯୋଗାଣ କିପରି ସୁଚାରୁ ରୂପେ ହୋଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି, ତାଜିଆ କମିଟିର ପ୍ରତିନିଧି, ଜଳେଶ୍ୱର ଥାନା ଅଧୀନରେ ଥିବା ବସ୍ତିର ମୁଖିଆ ଓ ଶାନ୍ତି କମିଟିର ସଦସ୍ୟ ଓ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ। ଶେଷରେ ଏସ୍‌ଡିପିଓ ସୁଦର୍ଶନ ଦାସ ଏହି ପର୍ବ ପାଳନ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ବାଲେଶ୍ୱର ବିଶ୍ୱ ହିନ୍ଦୁ ପରିଷଦ ଶାଖାର କର୍ମକର୍ତ୍ତା।

# ମଠ, ମନ୍ଦିର ସୁରକ୍ଷା ପାଇଁ ଜିଲାପାଳଙ୍କୁ ଦାବିପତ୍ର

**ବାଲେଶ୍ୱର ଅଫିସ, ୮।୯**

ଶ୍ରୀକ୍ଷେତ୍ର ପୁରୀର ମଠ ଓ ମନ୍ଦିର ସୁରକ୍ଷା ଲାଗି ବିଶ୍ୱ ହିନ୍ଦୁ ପରିଷଦ, ବାଲେଶ୍ୱର ଶାଖା ପକ୍ଷରୁ ଶନିବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଜରିଆରେ ଏକ ଦାବିପତ୍ର ରାଜ୍ୟପାଳ ଗଣେଶୀ ଲାଲଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ପୁରୀ ଜଗନ୍ନାଥମନ୍ଦିର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ନାମରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ମନ୍ଦିର ଚତୁଃପାର୍ଶ୍ୱରେ ୭୫ମିଟର ଭିତରେ ଥିବା ସମସ୍ତ ପ୍ରାଚୀନ ମଠ ଓ ମନ୍ଦିରଗୁଡ଼ିକୁ ଉଚ୍ଛେଦ କରାଯାଉଛି, ଯାହାକି ନିନ୍ଦନୀୟ ବୋଲି ଜିଲା ଶାଖା ସମ୍ପାଦକ ଅଞ୍ଜନ ମହାପାତ୍ର ପ୍ରକାଶ କରିଛନ୍ତି। ମନ୍ଦିର ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତି ଜଷ୍ଟିସ ବି.ପି. ଦାସ କମିଶନରଙ୍କ କାର୍ଯ୍ୟକଳାପ ବୃଦ୍ଧି ନ କରି ଅଧାରୁ ବନ୍ଦ କରିଦିଆଗଲା। ବର୍ତ୍ତମାନ ରାଜ୍ୟ ସରକାର ଯେଉଁ କମିଶନଙ୍କ ରିପୋର୍ଟ ଆଧାରରେ ଉଚ୍ଛେଦ କରୁଛନ୍ତି ତାହାକୁ ସର୍ବସାଧାରଣରେ ପ୍ରକାଶ କରିବାକୁ ଦାବି କରାଯାଇଛି। ସରକାର ମଠ ଓ ସଂସ୍କୃତିକୁ ଅକ୍ଷୁଣ୍ଣ ରଖିବା ସହ ପୁନଃ ସ୍ଥାପନ କରିବା ଉପରେ ଗୁରୁତ୍ୱ ଦେବାକୁ ଦାବି ହୋଇଛି।

# ଶୃଙ୍ଖଳିତ ସଭ୍ୟ ହିଁ ଦଳକୁ ସୁଦୃଢ଼ କରେ

**ଭୋଗରାଇ, ୮।୯(ଡି.ଏନ.ଏ.)**

ଦଳର ଆଦର୍ଶ ଓ ଶୃଙ୍ଖଳାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କଲେ ସଫଳତା ନିଶ୍ଚୟ ମିଳିବ। ଏଥିପାଇଁ ଦଳୀୟ ଆନୁଗତ୍ୟ, ସ୍ୱଚ୍ଛତା, ତ୍ୟାଗ ଓ ଶୃଙ୍ଖଳିତ ବ୍ୟକ୍ତି ସଦସ୍ୟତା ଗ୍ରହଣ କଲେ ଦଳର ଏକତା ଓ ସାଙ୍ଗଠନିକ ଶକ୍ତି ବୃଦ୍ଧି ହେବ ବୋଲି ରବିବାର ଭୋଗରାଇ ନିର୍ବାଚନମଣ୍ଡଳୀରେ ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ବହୁ ନେତୃସ୍ଥାନୀୟ ବ୍ୟକ୍ତି ମତ ପ୍ରକାଶ କରିଛନ୍ତି। ଭୋଗରାଇ ବିଧାୟକ ଅନନ୍ତ ଦାସଙ୍କ ବାସଭବନରେ ଆୟୋଜିତ ବୈଠକରେ ଭୋଗରାଇ ବିଜେଡି ଶାଖାର ସଭାପତି ରମାକାନ୍ତ କରଣ ପୌରୋହିତ୍ୟ କରିଥିଲେ। ବାଲେଶ୍ୱର ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ କହିଥିଲେ ଯେ, ୩୦ବର୍ଷ ଧରି ଭୋଗରାଇ ନିର୍ବାଚନମଣ୍ଡଳୀରେ ଜନତା ଦଳ, ବିଜୁ ଜନତା ଦଳ ଲୋକଙ୍କ ବିଶ୍ୱାସଭାଜନ ହୋଇ ଲୋକଙ୍କ ସେବା କରିଆସୁଛି।

**ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ**



ବୈଠକରେ ଉପସ୍ଥିତ ବିଧାୟକ ଓ ଅନ୍ୟ ନେତୃବୃନ୍ଦ।

ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ବିକାଶଧାରାକୁ ଗ୍ରାମାଞ୍ଚଳରେ ଅଧିକ କ୍ରିୟାଶୀଳ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ଜିଲା ବିଜେଡି ସଭାପତି ତଥା ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା ତାଙ୍କ ବକ୍ତବ୍ୟରେ ଦଳ ଲୋକଙ୍କ ପାଖରେ ରହିଥିଲା, ରହିଛି ଓ ରହିବ ବୋଲି କହିବା ସହ ଦଳୀୟ ଆନ୍ତର୍ଘାତୀ କାର୍ଯ୍ୟ ପ୍ରତି ସତର୍କ ରହିବାକୁ ଦଳୀୟ ନେତା, କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ମୟୂରଭଞ୍ଜ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ତଥା ପର୍ଯ୍ୟବେକ୍ଷକ ରାଜକିଶୋର ଆଚାର୍ଯ୍ୟ, ଜିଲା ବିଜେଡି ଉପସଭାପତି ଭୁବନାନନ୍ଦ ଦାସ, ବ୍ଲକ ଚେୟାରମ୍ୟାନ ମଞ୍ଜୁରାଣୀ ବେହେରା, ଭାଇସ୍ ଚେୟାରମ୍ୟାନ ଦୀପକ କୁମାର ଦାସ, ସରପଞ୍ଚ ପ୍ରବୀର କୁମାର ଗିରି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗଣପତି ଗିରି, ପୂର୍ବତନ ଜିଲାପରିଷଦ ସଦସ୍ୟ ହେମନ୍ତ ବେହେରା, ଜିଲା ସାଧାରଣ ସମ୍ପାଦକ, କୃଷକମୋର୍ଚ୍ଚାର ସଭାପତି, ଅନୁସୂଚିତ ଜାତିର ସଭାପତି, ଜିଲା ଯୁବ ସଭାପତି ଓ ବିଜୁ ଛାତ୍ର ସଭାପତି ପ୍ରମୁଖ ରାଜ୍ୟ ସରକାରଙ୍କ ନୂତନ ସଦସ୍ୟତା ଅଭିଯାନକୁ ସଫଳ ରୂପାୟନ ପାଇଁ ଅଣ୍ଟା ଭିଡିବାକୁ ଦଳୀୟ ନେତୃମଣ୍ଡଳୀକୁ ଆହ୍ୱାନ ଦେଇଥିଲେ। ବୈଠକରେ ଭୋଗରାଇ ନିର୍ବାଚନମଣ୍ଡଳୀର ୫୦ ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଦସ୍ୟାସଦସ୍ୟା ଓ ଛାମୁଆ ନେତାମାନେ ଯୋଗଦେଇ ପ୍ରତ୍ୟେକ ୱାର୍ଡରୁ ୪ଜଣ ଶୃଙ୍ଖଳିତ ସଦସ୍ୟ ପଞ୍ଜିକୃତ କରିବା ପାଇଁ ମତାମତ ଦେଇଥିଲେ। ଭୋଗରାଇ ବିଧାୟକ ଅନନ୍ତ ଦାସ ୫ଟଙ୍କା ପ୍ରଦାନ କରି ଦଳର ପ୍ରାଥମିକ ସଦସ୍ୟତା ଗ୍ରହଣ କରିଥିଲେ। ନଳିନୀକାନ୍ତ ସେଠୀ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଉଦଳାରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ

ଉଦଳା,୮।୯(ଡି.ଏନ.ଏ.)- ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ରବିବାର ମୟୂରଭଞ୍ଜ ଜିଲା ଉଦଳା ଗସ୍ତରେ ଆସି ଫେରିଯାଇଛନ୍ତି । ମନ୍ତ୍ରୀଙ୍କର ଏହି ଅଚାନକ ଗସ୍ତ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି । ହେଲେ ଏହା ତାଙ୍କର ଏକ ଅନୌପଚାରିକ ଗସ୍ତ ଥିଲା ବୋଲି କୁହାଯାଉଛି। ମନ୍ତ୍ରୀ ବେହେରାଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କୌଣସି ରାଜନୈତିକ କାର୍ଯ୍ୟରେ ଉଦଳା ଗସ୍ତରେ ଆସି ନାହାନ୍ତି ବୋଲି କହିଥିଲେ। ଗତ ସାଧାରଣ ନିର୍ବାଚନରେ ବିଜୟୀ ହୋଇ ରାଜ୍ୟ ସରକାରଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇ ଥିବାରୁ ସେ ଶିମିଳିପାଳ ଅଭୟାରଣ୍ୟସ୍ଥିତ ଦେବକୁଣ୍ଡର ଦେବୀ ଅମ୍ବିକାଙ୍କ ଦର୍ଶନ ନିମନ୍ତେ ଆସିଥିଲେ ବୋଲି ସେ କହିଥିଲେ। ଏହି ଗସ୍ତ ଅବସରରେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, ଉପଜିଲାପାଳ ଭଗବାନ ବେହେରା ଏବଂ ଦଳର କେତେକ ଯୁବ ନେତା ଉଦଳା ଫରେଷ୍ଟ ଡାକବଙ୍ଗଳାଠାରେ ତାଙ୍କୁ ଭେଟିଥିବା ଜଣାପଡିଛି।

### ବ୍ଲକସ୍ତରୀୟ କବାଡ଼ି, ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

ଭଣ୍ଡାରିପୋଖରୀ,୮।୯(ଡି.ଏନ.ଏ.)- ଭଣ୍ଡାରିପୋଖରୀ ବ୍ଲକ ଟିଙ୍ଗୁଡିପୁରସ୍ଥିତ ଜଗନ୍ନାଥ ସଂଯୁକ୍ତ ଉଚ୍ଚ ବିଦ୍ୟାପୀଠଠାରେ ବ୍ଲକସ୍ତରୀୟ କବାଡ଼ି ଓ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁବଳ ଚରଣ ପତ୍ରିଙ୍କ ଅଧକ୍ଷତାରେ ଏବିଇଓ ଅଭିମନ୍ୟୁ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଅକ୍ଷୟ କୁମାର ବେହେରା ଯୋଗଦେଇ କ୍ରୀଡାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ଶପଥ ପାଠ କରାଇଥିଲେ ନାରାୟଣ ଚନ୍ଦ୍ର ସେନାପତି। ପ୍ରଭାତ ଖିଲାର କ୍ରୀଡାର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୨୬ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତ୍ୟେକ ବିଭାଗରେ ଗୋଟିଏ ଲେଖାଏ ଦଳ ଜିଲାସ୍ତରକୁ ମନୋନୀତ ହୋଇଛି। ଗାଇଡ୍ ଶିକ୍ଷକ ମାନସ ସାହୁ, ପ୍ରଶାନ୍ତ ଜେନା, ଭାଗବତ ରାଉତ, ରବୀନ୍ଦ୍ର କୁମାର ମହାରଣା, ଗିରୀଶ ବିହାରୀ ମିଶ୍ର, ମମିତା ମହାନ୍ତି, ଜୟନ୍ତୀ ପାତ୍ର ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷା ସଂଯୋଜକ ରଞ୍ଜନ କୁମାର ମହାନ୍ତି, ସସ୍ମିତ ମିଶ୍ର, ବିକଶି ସାହୁ, ମଧୁସ୍ମିତା ବିଶ୍ୱାଳ, ଶଶିଲତା ଦାଶ, ସସ୍ମିତା ସାମନ୍ତ, ରାଜେନ୍ଦ୍ର ସାହୁ, ପ୍ରିୟଦର୍ଶିନୀ ପଣ୍ଡା, ଦମୟନ୍ତୀ ନାଥ, ମଧୁସ୍ମିତା ନାୟକ ଓ ସୁନନ୍ଦା ଖିଲାର ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

### ଗୋପବନ୍ଧୁ ଜୟନ୍ତୀ ପ୍ରସ୍ତୁତି

ଭଣ୍ଡାରିପୋଖରୀ,୮।୯(ଡି.ଏନ.ଏ.)- ଭଣ୍ଡାରିପୋଖରୀ ବ୍ଲକ ଯଶୋଟିକିରି ସ୍କୁଲଠାରେ ଉତ୍କଳମଣି ସ୍ୱାସ୍ଥ୍ୟ ଓ ଶିକ୍ଷା ଟ୍ରଷ୍ଟ ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବନମାଳୀ ପୃଷ୍ଟି ଅଧକ୍ଷତା କରିଥିଲେ। ବିଭିନ୍ନ କାର୍ଯ୍ୟକ୍ରମ ନେଇ ବୈଠକରେ ଟ୍ରଷ୍ଟ ସଦସ୍ୟମାନଙ୍କ ମଧରେ ସହମତି ପ୍ରକାଶ ପାଇଥିଲା। ବକ୍ତୃତା ପ୍ରତିଯୋଗିତା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଦିବ୍ୟାଙ୍ଗମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବାକୁ ସଭାପତି ପୃଷ୍ଟି ପ୍ରସ୍ତାବ ରଖିବା ପରେ ଏନେଇ ଆଲୋଚନା ହୋଇଥିଲା।



ବାରିପଦା ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ରବିବାର ଆୟୋଜିତ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀମାନେ।

## ଆତ୍ମସୁରକ୍ଷା ପ୍ରଶିକ୍ଷଣ

ବାରିପଦା ଅଫିସ,୮।୯

ମୟୂରଭଞ୍ଜ ଜିଲା ବାରିପଦା ତକତପୁର ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅଧକ୍ଷା ଡ.ଝରଣା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ସଂଯୋଜିକା ଡ.ଅଏଲବର୍ଟିନା ତିର୍କୀ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ନୋଡାଲ ଅଫିସର ଡ.ଦମୟନ୍ତୀ ବେଶ୍ରା ଓ ଡ. କବିତା ବାରିକ, ଅଧାପିକା ଡ. ପ୍ରଣତି ପଟ୍ଟନାୟକ, ପୂଜା ଦାସ, ମନୀଷା ଶର୍ମା, ସସ୍ମିତା ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ■ ଚାକିରି କରାଇଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ

# ଦଲାଲଙ୍କୁ ଧରି ପୋଲିସ ଜିମା ଦେଲେ

ବାରିପଦା ଅଫିସ,୮।୯



ନିଯୁକ୍ତି ପତ୍ରର ନକଲ

**ଠକେଇର ଶିକାର ଯୁବତୀଯୁବକମାନେ କୌଶଳ କରି ରବିବାର ତାଙ୍କୁ ଡାକି ଆଣି ଅଟକ ରଖିଥିଲେ। ଏନେଇ ପିଆରଏମ ମେଡିକାଲ କଲେଜ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା।**

ମୟୂରଭଞ୍ଜ ଜିଲାର ବେକାର ଶିକ୍ଷିତ ଯୁବତୀଯୁବକଙ୍କୁ ଜିଲାର ବିଭିନ୍ନ ଚିକିତ୍ସାଳୟରେ ଚାକିରି ଦେବା ଲୋଭ ଦେଖାଇ ଲକ୍ଷାଧିକ ଟଙ୍କା ଠକି ନିଆଯିବା ଘଟଣା ପଦାକୁ ଆସିଛି। ଠକେଇର ଶିକାର ହୋଇଥିବା ଯୁବତୀଯୁବକ ଓ ଅଣରାଜନୈତିକ ସଂଗଠନ ଭଞ୍ଜସେନାର ସଭାପତି ପିଣ୍ଟୁ ମାଇତି, ଯୁବ ଛାତ୍ର ସଂଯୋଜକ ରାକେଶ ବେହେରା, ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଓ ଯୁବନେତା କଳିଙ୍ଗ କେଶରୀ ଜେନା ପ୍ରମୁଖ ଅଭିଯୁକ୍ତ ଦଲାଲଙ୍କୁ ଅଟକ ରଖି ବାରିପଦା ଟାଉନ ପୋଲିସ ଜିମା ଦେଇଛନ୍ତି। ଏହି ଘଟଣା ନେଇ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା।

ଭଞ୍ଜସେନା ପକ୍ଷରୁ କୁହାଯାଇଛି ଯେ, ଜିଲାର ବିଭିନ୍ନ ଚିକିତ୍ସାଳୟର ସଫେଇ ଦାୟିତ୍ୱରେ ଥିବା ଏକ ସଂସ୍ଥା ଜରିଆରେ ଚିକିତ୍ସାଳୟର ଆଟେଣ୍ଡାଣ୍ଟ ପଦବୀରେ ଚାକିରି କରାଇ ଦେବା ପ୍ରଲୋଭନ ଦେଖାଇ ଜଣଙ୍କ ପିଛା ୪୦ ହଜାରରୁ ୭୦ ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଇଥିଲା। ପରେ ସେମାନଙ୍କୁ ନିଯୁକ୍ତି ପତ୍ର ଦିଆଯାଇଥିଲା। କିନ୍ତୁ ଆଟେଣ୍ଡାଣ୍ଟ କାମ ପରିବର୍ତ୍ତେ ସେମାନଙ୍କୁ ଚିକିତ୍ସାଳୟରେ ସଫେଇ କାର୍ଯ୍ୟ କରିବାକୁ କୁହାଯାଇଥିଲା। ପ୍ରାୟ ୩ ରୁ ୪ ମାସ କାମ କରାଇବା ପରେ ଦରମା ବନ୍ଦ କରି ସେମାନଙ୍କୁ ଛଟେଇ କରାଯାଇଥିଲା। ଆଟେଣ୍ଡାଣ୍ଟ ଚାକିରି ଲାଗି ଟଙ୍କା ଦେଇଥିବା ଯୁବତୀଯୁବକମାନେ ଟଙ୍କା ଫେରେଇବାକୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ କହିଥିଲେ। ଆଜି, କାଲି ଦିଆଯିବ କହି ସେମାନଙ୍କୁ ଠକିବାରୁ ଯୁବତୀଯୁବକମାନେ କୌଶଳ କରି ରବିବାର ତାଙ୍କୁ ପିଆରଏମ ମେଡିକାଲ କଲେଜକୁ ଡାକି ଅଟକ ରଖିଥିଲେ। ଏହାପରେ ତାଙ୍କୁ ପୋଲିସ ଜିମା ଦିଆଯାଇଥିବା ଭଞ୍ଜସେନାର ସଭାପତି ପିଣ୍ଟୁ କହିଛନ୍ତି। ଏ ସମ୍ପର୍କରେ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି ବୋଲି ପୋଲିସ କହିଛି।

## ନକଲି ପ୍ରଦୂଷଣ ଯାଞ୍ଚ ପ୍ରମାଣପତ୍ର କାରବାର: ୩ ଗିରଫ

ରାଇରଙ୍ଗପୁର,୮।୯(ଡି.ଏନ.ଏ.)

ନୂଆ ମୋଟର ଯାନ ଆଇନ ଲାଗୁ ପରେ ବିଭିନ୍ନ ଗାଡିର ନକଲି ପ୍ରମାଣପତ୍ର କାରବାର ବୃଦ୍ଧି ପାଇଛି। ଗାଡି ଚାଳକଙ୍କୁ ନକଲି ପ୍ରଦୂଷଣ ଯାଞ୍ଚ ପ୍ରମାଣପତ୍ର ଯୋଗାଇବା ଅଭିଯୋଗ କ୍ରମେ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ମଡେଲ ଥାନା ପୋଲିସ ଚଢାଉ କରି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏ ନେଇ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ବାଇକ ଲାଗି ୫ ହଜାର ଏବଂ ୪ ଚକିଆ ଯାନ ଲାଗି ୧୦ ହଜାରଟଙ୍କା ଜରିମାନା ଆଦାୟ କରାଯାଉଥିବାରୁ ଗାଡିଚାଳକମାନେ ବିଭିନ୍ନ ପ୍ରଦୂଷଣଯାଞ୍ଚ କେନ୍ଦ୍ରରେ ଭିଡ ଜମାଉଛନ୍ତି। ଏହାର ସୁଯୋଗ ନେଇ ମୟୂରଭଞ୍ଜ ଜିଲାରେ ଲୋକଙ୍କୁ ନକଲି ପ୍ରମାଣପତ୍ର ଯୋଗାଇ ଅର୍ଥ ରୋଜଗାର କରାଯିବା ଘଟଣା ପଦାକୁ ଆସିଛି। ପୋଲିସ ଏ ସଂକ୍ରାନ୍ତରେ ସୂଚନା ପାଇବା ପରେ ଚଢାଉ କରି ସ୍ଥାନୀୟ ବିକାଶନଗର ବସ୍ତି ଅଞ୍ଚଳରୁ ରୂପକ କୁମାର ମହାନ୍ତ, ଦୁର୍ଗାଚରଣ ମହାନ୍ତ ଏବଂ ବହଳଦା ଥାନା ତିଖିଆ ଗ୍ରାମର ସିପୁନ ମହାନ୍ତଙ୍କୁ ଗିରଫ କରିଛି। ସେମାନେ ନକଲି ସାର୍ଟିଫିକେଟ ଦେବା ଲାଗି ବ୍ୟବହାର କରୁଥିବା ଏକ କମ୍ପ୍ୟୁଟର ଓ ବିଭିନ୍ନ କାଗଜପତ୍ର ଜବତ କରାଯାଇଛି। ଅଭିଯୁକ୍ତମାନେ ମହୁଲଡିହା ବସ୍ତି ଅଞ୍ଚଳରେ ଏକ ଘରେ କାଉଣ୍ଟର ଖୋଲି ବିଭିନ୍ନ ଯାନବାହନ ସକାଶେ ପ୍ରଦୂଷଣ ଯାଞ୍ଚ ପ୍ରମାଣପତ୍ର ଯୋଗାଉଥିଲେ। ସେମାନେଅନେକ ଗାଡି ଚାଳକଙ୍କୁ ନକଲି ପ୍ରମାଣପତ୍ର ଦେଇ ଠକିଥିବା ସନ୍ଦେହ କରି ଯାଞ୍ଚ କରାଯାଉଛି ବୋଲି ମଡେଲ ଥାନା ଅଧିକାରୀ ରଞ୍ଜନ କୁମାର ସେଠୀ ସୂଚନା ଦେଇଛନ୍ତି।

# ପଞ୍ଚାୟତ ସମିତି ବୈଠକରେ ହୋହଲ୍ଲା

କୁଆମରା,୮।୯(ଡି.ଏନ୍.ଏ.)



ବୈଠକରେ ଉପସ୍ଥିତ ଜନପ୍ରତିନିଧି।

ବିଭିନ୍ନ ବିଭାଗ ମଧରେ ସମନ୍ୱୟ ଅଭାବ, ଲୋକଙ୍କ ସମସ୍ୟାକୁ ଅଗ୍ରାଧିକାର ଦେଇ କାର୍ଯ୍ୟ କରା ନ ଯିବା,ମୃତ୍ତିକା ଓ ବିଦ୍ୟୁତ୍ ବିଭାଗରେ ଅନିୟମିତତା ନେଇ ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ୪ର୍ଥ ପଞ୍ଚାୟତ ସମିତି ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇଛି। ବ୍ଲକ ଅଧକ୍ଷ ସୁକେଶ୍ୱର ମଡେଇଙ୍କ ଅଧ୍ୟକ୍ଷତାରେ ବ୍ଲକ ସଭା ଗୃହରେ ଶନିବାର ଅନୁଷ୍ଠିତ ସଭାରେ ମୟୂରଭଞ୍ଜ ଏମପି ବିଶେଶ୍ୱର ଟୁଡୁ, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଡେଇ, ବ୍ଲକ ଉପାଧକ୍ଷ ମାନସ ରଞ୍ଜନ ମହାରଣା ଓ ବିଡିଓ ମନୋଜ କୁମାର ବେହେରା ଯୋଗ ଦେଇଥିଲେ। କୌଣସି ପାତରଅନ୍ତର ଭାବ ନ ରଖି ଦଳମତ ନିର୍ବିଶେଷରେ ଉନ୍ନୟନ କାର୍ଯ୍ୟ କରାଯିବା ଲାଗି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

ଜିପିଇଓ ଜଗେତେଶ୍ୱର ମାଝି ପ୍ରଥମେ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଏହାପରେ ବିଭିନ୍ନ ବିଭାଗର କାର୍ଯ୍ୟ ନେଇ ଆଲୋଚନା ହୋଇଥିଲା। ବିଧାୟକ ମଡେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାନୀୟ ଜଳ, ବିଦ୍ୟୁତ ଯୋଗାଣ ଉପରେ ଅଧିକ ଗୁରୁତ୍ୱ ଦେବାକୁ ତାଗିଦ କରିଥିଲେ। ସେହିପରି ଏମପି ଉନ୍ନୟନ କାର୍ଯ୍ୟ ଲାଗି ସମସ୍ତଙ୍କର ସହଯୋଗ ଲୋଡିଥିଲେ। ଏନଆରଇଜିଏସ ଯୋଜନାରେ ପୂର୍ବ ବର୍ଷ ୨ ଲକ୍ଷ ୯୫ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଚଳିତ ବର୍ଷ ୬ଲକ୍ଷ ୮୪ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଇଥିଲା। ପ୍ରତି ଚାଷୀଙ୍କୁ ଏକର ପିଛା ୩୦ଟି ମଞ୍ଜୁରି ଏହି ଯୋଜନାରେ ଯୋଗାଇ ଦେବା ଲାଗି ଉପାଧକ୍ଷ ପ୍ରସ୍ତାବ ଦେଇଥିଲେ। ଗ୍ରାମାଞ୍ଚଳର ପାନୀୟ ଜଳ ଯୋଗାଣ ସୁବ୍ୟବସ୍ଥିତ କରିବା, ବ୍ଲକର ଥିବା ୬ଟି ଡାକ୍ତରଖାନାରେ ସୌରଚାଳିତ ବ୍ୟବସ୍ଥା କରିବା ଲାଗି କୁହାଯାଇଥିଲା। କେତେକ ପଞ୍ଚାୟତରେ ପିଇଓମାନେ କାର୍ଯ୍ୟରେ ଅବହେଳା କରୁଥିବା ବହୁ ସରପଞ୍ଚ ଅଭିଯୋଗ ଆଣିଥିଲେ। ଏଥର ବର୍ଷାଭାବରୁ ୧୦ରୁ ୧୫ ପ୍ରତିଶତ ଜମି ପଡିଆ ଥିବା କୃଷି ବିଭାଗ ତରଫରୁ କୁହାଯାଇଥିଲା। ବିଦ୍ୟାଳୟରେ ଖାଲିପଡିଥିବା ଶିକ୍ଷକ ପଦବୀ ଏକ ମାସ ମଧରେ ପୂରଣ, କୁଷ୍ଠ ରୋଗୀ ଚିହ୍ନଟ, ୯ଟି ଅଙ୍ଗନୱାଡି କେନ୍ଦ୍ରରେ ରୋଷେୟା ନ ଥିବାନେଇ ଆଲୋଚନା ହୋଇଥିଲା। ମୃତ୍ତିକା ସଂଗ୍ରକ୍ଷଣ ବିଭାଗ ଏବଂ ବିଦ୍ୟୁତ୍ ବିଭାଗର କାର୍ଯ୍ୟ ନେଇ ଲୋକ ପ୍ରତିନିଧିମାନେ ହୋହଲ୍ଲା କରିଥିଲେ। ୨୦୨୨ ସୁଦ୍ଧା ସବୁ କଚ୍ଚା ଘର ପକ୍କା ଘର ହେବ ବୋଲି କେନ୍ଦ୍ର ସରକାରଙ୍କ ଯୋଜନାକୁ ସଫଳ କରିବା ଲାଗି ବିଡିଓ ସମସ୍ତଙ୍କ ସହଯୋଗ ଲୋଡିଥିଲେ।

## ଚର୍ଚ୍ଚାରେ କନଷ୍ଟେବଲଙ୍କ ଅଡିଓ ଭାଇରାଲ

ବଡସାହି,୮।୯(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ପୋଲିସର ଜଣେ କନଷ୍ଟେବଲଙ୍କ ବାର୍ତ୍ତାଳାପର ଅଡିଓ ଭାଇରାଲ ହୋଇ ଚର୍ଚ୍ଚାକୁ ଆସିଛି। ଜମି କିଣାବିକା କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଥିବା ଜଣେ କୋଟିପତି କନଷ୍ଟେବଲ ଚାକିରିରେ ଥାଇ ନିଜ ବ୍ୟବସାୟକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଥିବା ଏଥିରୁ ଜଣାପଡିଛି। ସେ ନିଜ ପତ୍ନୀଙ୍କ ନାମରେ ବାରିପଦା ସହର ସମେତ ବିଭିନ୍ନ ସ୍ଥାନରେ ଜାଗା କିଣି ଦଲାଲ ମାଧ୍ୟମରେ ବିକ୍ରି କରୁଛନ୍ତି। ସମ୍ପୃକ୍ତ କନଷ୍ଟେବଲ ୧କୋଟି ଟଙ୍କା ମୂଲ୍ୟର ଜମି କିଣିବା ନେଇ ଦଲାଲଙ୍କ ମାଧ୍ୟମରେ ମୂଲଚାଲ କରିବା ଅଡିଓ ଏଠାରେ ଭାଇରାଲ ହୋଇଛି। ଜିଲାର କୌଣସି ଏକ ଥାନାର ପୋଲିସ ଚାକିରି କରି ଲୋକଙ୍କୁ ନାଲି ଆଖି ଦେଖାଇବା ସହ କେତେକ ଅସାଧୁ ବ୍ୟକ୍ତିଙ୍କ ସହ ମିଶି ସେ ନିଜର ପତିଆରା ବଢାଇବା ଘଟଣା ନେଇ ସହରରେ ଚର୍ଚ୍ଚା ଜୋର ଧରିଛି । ଉଲ୍ଲେଖନୀୟ ଯେ, ଗତ କିଛିଦିନ ତଳେ ଜନୈକ କନଷ୍ଟେବଲ ଏକ ଏଟିଏମ୍ ମଧ୍ୟରେ ପରିସ୍ରା କରିବା ଭିଡିଓ ଭାଇରାଲ ହୋଇଥିଲା। ଏଭଳି ଅଡିଓ ଓ ଭିଡିଓ ଭାଇରାଲ ହେବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଉଦଳା ବଣିକ ସଂଘର ବାର୍ଷିକ ସଭା




ବଣିକ ସଂଘ ବାର୍ଷିକ ସାଧାରଣ ସଭାରେ ଉପସ୍ଥିତ ଅତିଥିବୃନ୍ଦ।

ଉଦଳା,୮।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଉଦଳା ବଣିକ ସଂଘର ବାର୍ଷିକ ସାଧାରଣ ସଭା ସ୍ଥାନୀୟ ବଣିକ ସଂଘ ସଭାଗୃହ ସମ୍ମୁଖରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ରବୀନ୍ଦ୍ର କୁମାର ପରିଡା ଏଥିରେ ସଭାପତିତ୍ୱ କରିଥିଲେ। ସଂଘର ସମ୍ପାଦକ ଧୀରେନ୍ଦ୍ର ଖଣ୍ଡେଲୱାଲ୍, ଉପସଭାପତି ଗଣେଶ୍ୱର ବାରିକ, ସହ ସମ୍ପାଦକ କିଶୋର କୁମାର ବେହେରା ଏବଂ କୋଷାଧକ୍ଷ ମୃଗାଙ୍କ ମହାନ୍ତି ମଞ୍ଚାସୀନ ଥିଲେ । ସମ୍ପାଦକ ଖଣ୍ଡେଲୱାଲ୍ ୨୦୧୮–୧୯ ଆର୍ଥିକ ବର୍ଷର ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରତି ମାସ ଶେଷ ସୋମବାର ବଣିକ ସଂଘ ଅଧୀନରେ ଥିବା ଗ୍ରୋସରୀ, ଷ୍ଟେସନାରୀ, ହାର୍ଡୱାର, ଇଲେକ୍ଟ୍ରୋନିକ୍ସ, ଜୁଏଲେରୀ ଦୋକାନଗୁଡିକ ବନ୍ଦ ରହିବ ବୋଲି ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ବଣିକସଂଘର ସଦସ୍ୟମାନଙ୍କ ପାଇଁ ସଂଘ ପକ୍ଷରୁ ପରିଚୟ ପତ୍ର, ବ୍ୟବସାୟୀଙ୍କ ନିମନ୍ତେ ଜୀବନ ବୀମା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଅତିଥି ଭାବେ ବିଧାୟକ ଭାସ୍କର ଚନ୍ଦ୍ର ମଡେଇ, ସଂଘର ଆଇନ ପରାମର୍ଶଦାତା ଆଇନଜୀବୀ ବସନ୍ତ କୁମାର ପରିଡା ଯୋଗ ଦେଇଥିଲେ । ଉଦଳା ସହରାଞ୍ଚଳରେ ଭେଣ୍ଡିଂ ଜୋନ୍ ନିର୍ମାଣ କରି ଅସ୍ଥାୟୀ ବ୍ୟବସାୟୀମାନଙ୍କୁ ଥଇଥାନ କରିବା, ଏନଏସି ଦ୍ୱାରା ନିର୍ମାଣାଧୀନ ଦୋକାନଗୃହ ଆବଣ୍ଟନ ଏବଂ ବ୍ୟବସାୟୀମାନଙ୍କୁ ପେନସନ୍ ଦେବା ଆଦି ଦାବି ସମ୍ପର୍କରେ ସଂଘ ପକ୍ଷରୁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ପ୍ରଭାତ କୁମାର ପରିଡା, ଲକ୍ଷ୍ମଣ ନାୟକ, ପ୍ରହ୍ଲାଦ ଦାସ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ବାରିପଦାରେ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ

ବାରିପଦା ଅଫିସ,୮।୯

ବାରିପଦାସ୍ଥିତ ରାଖାଲଗୋପ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ବାରିପଦା ବ୍ଲକ ଓ ମ୍ୟୁନିସିପାଲିଟି ସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ବଳରାମ ଦାସଙ୍କ ପୌରୋହିତ୍ୟରେ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ପଲେଇ, ଜିଲା ଓଷ୍ଟା କାର୍ଯ୍ୟକାରିଣୀ ସଭ୍ୟ ଚିତ୍ତରଞ୍ଜନ ପଲତା, ସମୀର କୁମାର ମାଇତି, ବାଙ୍ଗିରିପୋଷି ବ୍ଲକ ସମ୍ପାଦକ ବିକାଶ କୁମାର ପଣ୍ଡା ପ୍ରମୁଖଙ୍କ ପରିଚାଳନାରେ ଆଗାମ ୩ବର୍ଷ ପାଇଁ ନୂତନ କାର୍ଯ୍ୟକର୍ତ୍ତା ନିର୍ବାଚନ କରାଯାଇଥିଲା। ଏଥିରେ ସଭାପତି ଭାବେ ଯଦୁନାଥ ପାଣିଗ୍ରାହୀ, ଉପସଭାପତି ଭାବେ ସୁରଥ କୁମାର ମଲିକ ଓ ଅନୀତା କୁଅଁର, ସମ୍ପାଦକ ଭାବେ ପ୍ରଦୀପ ଚନ୍ଦ୍ର ମହାନ୍ତି, ଯୁଗ୍ମ ସମ୍ପାଦକ ଭାବେ ସତ୍ୟବ୍ରତ ସିଂହ ଓ ଦୀପକ ରାମ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଭାବେ ଜ୍ୟୋତିରଞ୍ଜନ ବାରିକ ଓ ଜିଲା କାର୍ଯ୍ୟକାରିଣୀ ସଭ୍ୟ ଭାବେ ମୀରା ଦାସମହାପାତ୍ର ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଏହା ସହିତ ଉପାଦେଷ୍ଟା ଭାବେ ଅଶୋକ କୁମାର ପଲେଇ ଓ ସୁଶାନ୍ତ କୁମାର ଦାସ ମନୋନୀତ ହୋଇଥିଲେ। ନବ ନିଯୁକ୍ତ କର୍ମକର୍ତ୍ତାଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଦାସ ଶପଥ ପାଠ କରାଇଥିଲେ।




ଓଷ୍ଟାର ନବନିଯୁକ୍ତ କର୍ମକର୍ତ୍ତାବୃନ୍ଦ।

# ଅର୍ଥକରୀ ଫସଲ ପ୍ରତି ଚାଷୀଙ୍କୁ ଆକୃଷ୍ଟ କରାଯିବ

ବାରିପଦା ଅଫିସ,୮।୯




ସମୀକ୍ଷା ବୈଠକରେ ଉପସ୍ଥିତ କୃଷି ମନ୍ତ୍ରୀ ଓ ଅନ୍ୟମାନେ।

ମୟୂରଭଞ୍ଜ ଭଳି କୃଷିପ୍ରଧାନ ଜିଲାରେ ଅର୍ଥକରୀ ଫସଲ କେମିତି ଅଧିକ ଜମିରେ ଚାଷ ହୋଇପାରିବ ସେନେଇ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ସରକାରଙ୍କ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇ ବିଭାଗୀୟ ଅଧିକାରୀମାନଙ୍କୁ ଟାର୍ଗେଟ ଦିଆଯାଇଛି ବୋଲି ଶନିବାର ଏକ ସମୀକ୍ଷା ବୈଠକ ପରେ କୃଷି ବିଭାଗ ମନ୍ତ୍ରୀ ଡ.ଅରୁଣ କୁମାର ସାହୁ ଗଣମାଧ୍ୟମକୁ କହିଛନ୍ତି। ଅନ୍ୟ ଜିଲା ତୁଳନାରେ ମୟୂରଭଞ୍ଜ ଜିଲା କୃଷି କ୍ଷେତ୍ରରେ ଆଗରେ ରହିଛି ବୋଲି ସେ କହିଥିଲେ। ଜିଲା କୃଷି,ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ଚାଷ ବିଭାଗ ଦ୍ୱାରା ହେଉଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା ବୈଠକ କରାଯାଇଥିଲା। ଜିଲାପାଳ ବିନିତ ଭରଦ୍ୱାଜ, ଆଡିଶନାଲ ସେକ୍ରେଟାରୀ (ଫିଶେରି) ଗଙ୍ଗାଧର ନାୟକ, ଆଡିଶନାଲ ସେକ୍ରେଟାରୀ (ଏଗ୍ରିକଲଚର) ମନ୍ମଥ କୁମାର ପାଣି, ଜିଲା କୃଷି ଉପନିର୍ଦ୍ଦେଶକ ଦାମୋଦର ସେଠୀ, ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଶିଶିର କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

ସମୀକ୍ଷା ବୈଠକରେ ଦିଆଯାଇଥିବା ସୂଚନା ମୁତାବକ ଚଳିତ ବର୍ଷ ଖରିଫ ଋତୁରେ ୨,୧୨,୫୦୦ ହେକ୍ଟର ଜମିରେ ଧାନଚାଷ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୧, ୮୯, ୭୬୮ ହେକ୍ଟର ଜମିରେ ଚାଷ ହୋଇଛି। ୧,୪୪,୫୦୦ ହେକ୍ଟର ଜମିରେ ଅଣଧାନ ଫସଲ ଯଥା ମକା, ହରଡ, ମୁଗ, ବିରି, ପନିପରିବା ଆଦି ଚାଷ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ସେଥିରୁ ୧,୧୧,୯୩୮ ହେକ୍ଟର ଜମିରେ ଅଣଧାନ ଫସଲ ହୋଇଛି। ଚଳିତ ବର୍ଷ ୧୪ଟି ବ୍ଲକରେ ୧୮,୩୦୦ ମାଟି ନମୁନା ସଂଗ୍ରହ ଓ ପରୀକ୍ଷା କରି ୯୧,୫୦୦ ମାଟି ସ୍ୱାସ୍ଥ୍ୟକାର୍ଡ ଚାଷୀଙ୍କୁ ଯୋଗାଇ ଦେବା ସକାଶେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅନ୍ତର୍ଗତ ପୂର୍ବ ଭାରତରେ ସବୁଜ ବିପ୍ଳବ ଯୋଜନାରେ ୨୫୦୦ ହେକ୍ଟର ଜମିରେ ଏକ ଚକିଆ ଧାଡିରୁଆ ମରୁଡି ସହଣି କିସମ ଧାନ କ୍ଷେତ୍ର ପ୍ରଦର୍ଶନୀ ସହିତ ରାଷ୍ଟ୍ରୀୟ ଖାଦ୍ୟ ନିରାପତ୍ତା ଯୋଜନା ଅଧୀନରେ ୩୦୦ ହେକ୍ଟର ଜମିରେ ହରଡ ଆନ୍ତଃଫସଲ ଚାଷ କ୍ଷେତ୍ର ପ୍ରଦର୍ଶନୀ କରାଯାଇଛି। ଓଡ଼ିଶା ମିଲେଟ୍ ମିଶନ ପକ୍ଷରୁ ଜିଲାର ୩ ଟି ବ୍ଲକ ଯଶିପୁର, ବିଶୋଇ ଓ ବାଙ୍ଗିରିପୋଷିରେ ୧୦୦୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯାଉଛି। ପରମ୍ପରାଗତ କୃଷି ବିକାଶ ଯୋଜନାରେ ୧୫୦୦ ହେକ୍ଟର ଜମିରେ ଜୈବିକ ଧାନ ଚାଷ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଖରିଫ ୨୦୧୯ ପାଇଁ ଜିଲାରେ ଧାନ, ମକା ଓ ହରଡ ଫସଲକୁ ବୀମା ଭୁକ୍ତ କରାଯାଇଛି। ୧୨,୯୦୭ ଜଣ ଅଣରଣୀ ଚାଷୀ ୬୯୫୨ ହେକ୍ଟର ଜମି ପାଇଁ ନାମ ପଞ୍ଜୀକରଣ କରିଛନ୍ତି। କାଳିଆ ଯୋଜନାରେ ୫,୮୪,୭୪୬ ଜଣ ଆବେଦନକାରୀମାନଙ୍କ ମଧ୍ୟରୁ ୩,୧୫,୧୫୩ ଜଣ ଚାଷୀ ଓ ଭୂମିହୀନ ପରିବାରକୁ ୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଯୋଗାଇ ଦିଆଯାଇଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ପଞ୍ଚାୟତ ପୋଖରୀରେ ମାଛଚାଷ, ମତ୍ସ୍ୟଜୀବୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଜଳ ଭଣ୍ଡାରରେ ମାଛ ଚାଷ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅଧୀନରେ ରଙ୍ଗିନ ମାଛ ଚାଷ ଆଦି କାର୍ଯ୍ୟଗୁଡ଼ିକର ସମୀକ୍ଷା କରାଯାଇଥିଲା।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ସୋମବାର, ସେପ୍ଟେମ୍ବର ୯/୨୦୧୯ Balasore, Monday, September 9 / 2019

## ସଂକ୍ଷେପରେ

### ରେଳଲାଇନରୁ କଲେଜଛାତ୍ରଙ୍କ ମୃତଦେହ ଉଦ୍ଧାର

ରେଢ଼ାଖୋଲ, ୮।୯(ଡି.ଏନ.ଏ.) ସମ୍ବଲପୁର ଜିଲା ରେଢ଼ାଖୋଲ ଷ୍ଟେଶନଠାରୁ ୧୭ କି.ମି. ଦୂର ଅମ୍ବଦର ଗାଁ ନିକଟ ରେଳଲାଇନରୁ ରବିବାର ସକାଳେ ଚାରମାଳ ପୋଲିସ ଜଣେ କଲେଜଛାତ୍ରଙ୍କ ମୃତଦେହ ଉଦ୍ଧାର କରିଛି। ଏହି ଛାତ୍ର ଜଣକ ହେଲେ ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ରଣକୋଠା ଗ୍ରାମର ରାଜୁ କୁଅଁର (୧୮)। ସେ ବଲାଙ୍ଗୀରରେ ଯୁକ୍ତ ୨ ରେ ପଢୁଥିଲେ ବୋଲି ଚାରମାଳ ଥାନା ଅଧିକାରୀ ବସନ୍ତ କୁମାର ଦଲାଇ କହିଛନ୍ତି। ରାଜୁ ପୁରୀ-ଦୁର୍ଗ ଟ୍ରେନ ଯୋଗେ ଶନିବାର ରାତିରେ ବଲାଙ୍ଗୀର ଯାଉଥିବା ବେଳେ ଟ୍ରେନ୍‌ରୁ ଖସିପଡି ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି। ରବିବାର ସକାଳେ ଲୋକେ ରେଳଲାଇନରେ ଛାତ୍ର ଜଣକ ମୃତଦେହ ପଡିଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲା। ତାଙ୍କ ନିକଟରେ ଥିବା ମୋବାଇଲ ଫୋନ୍‌ରୁ ଯୋଗାଯୋଗ କରିବା ପରେ ତାଙ୍କ ପରିଚୟ ଜଣାପଡିଥିଲା। ପରିବାର ବର୍ଗ ଖବର ପାଇ ଏଠାରେ ପହଞ୍ଚି ଥିଲେ। ରେଢ଼ାଖୋଲ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏହାପରେ ପୋଲିସ ରାଜୁଙ୍କ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଚାରମାଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୭/୧୯) ରୁଜୁ ହୋଇଛି।

### କୀଟନାଶକ ଖାଇ ମହିଳାଙ୍କ ଆତ୍ମହତ୍ୟା

ଢେଙ୍କିକୋଟ, ୮।୯(ଡି.ଏନ୍.ଏ.)- ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ କପାସପଡ଼ା ଗ୍ରାମରେ ଘରୋଇ କଳିକୁ ନେଇ କୀଟନାଶକ ଖାଇ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ମହିଳା ଜଣକ ହେଲେ ସୁରତୀ ନାଏକ(୪୫)। ଗତ ଶନିବାର ରାତିରେ ଖାଇପିଇ ଶୋଇବାବେଳେ ଘରେ ତିକ୍ତତା ସୃଷ୍ଟି ହୋଇଥିଲା। ଏଥିରେ ସମସ୍ତେ ସମସ୍ତଙ୍କ ସହ କଥା କଟାକଟି ହୋଇଥିଲେ। ଫଳରେ ସମସ୍ତେ ଶୋଇସାରିବା ପରେ ସୁରତୀ ଘରେ ଥିବା କୀଟନାଶକକୁ ଖାଇ ଦେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଘଟଗାଁ ଡାକ୍ତରଖାନାକୁ ନେଇଥିଲେ। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଖବରପାଇ ରବିବାର ସକାଳେ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡ଼ା, କନଷ୍ଟେବଲ ସୁଶୀଲ ମହାନ୍ତ ଘଟଗାଁ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ-୪୪/୧୯) ରୁଜୁ କରି ବ୍ୟବଚ୍ଛେଦ ପାଇଁ ପାଟଣା ଡାକ୍ତରଖାନାକୁ ପଠାଇ ଘଟଣା ସମ୍ପର୍କରେ ତଦନ୍ତ ଜାରି ରଖିଥିବା ପୋଲିସ କହିଛି।

# ସଂଗଠନର ହେବ ନବକଳେବର

- ବିଜେଡିର ଫୋକସ ଏବେ ମୟୂରଭଞ୍ଜ
- ବଦଳିବ ସାଂଗଠନିକ ଦାୟିତ୍ୱ
- ଆଶାୟୀଙ୍କ ପକ୍ଷରୁ ଲବି ଜୋରଦାର

ବାରିପଦା ଅଫିସ,୮।୯

ଗତ ସାଧାରଣ ନିର୍ବାଚନରେ ମୟୂରଭଞ୍ଜ ଜିଲାର ମୋଟ ୯ ଟି ବିଧାନସଭା ଆସନରୁ ୩ ଟି ଆସନରେ ବିଜେଡିକୁ ସନ୍ତୁଷ୍ଟ ହେବାକୁ ପଡିଛି। ଏହା ସହିତ ଏମପି ପଦବୀ ମଧ୍ୟ ଦଳ ହାତରୁ ଖସିଛି। ତୃଣମୂଳ ସ୍ତରରେ ଭାଜପାର ଭଲ ସଂଗଠନ ନ ଥିବା ସତ୍ତ୍ୱେ ଶାସକ ବିଜେଡିର ପରାଜୟ ଘଟଣାକୁ ନେଇ ସମୀକ୍ଷା କରାଯାଇଛି। ଗୋଷ୍ଠୀ କନ୍ଦଳ ଏବଂ ସାଂଗଠନିକ ଦାୟିତ୍ୱ ନେଇଥିବା ନେତୃବୃନ୍ଦଙ୍କ ସଂଗଠନ ନ ଥିବା କାରଣରୁ ଦଳକୁ ବିପର୍ଯ୍ୟୟର ସାମ୍ନା କରିବାକୁ ପଡିଲା ବୋଲି ସମୀକ୍ଷାରୁ ଜଣାପଡିଛି। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜକୁ ଦଳ ମୁଖ୍ୟ ଫୋକସ୍‌ରେ ରଖି ପୁନର୍ବାର ସ୍ଥିତି ଜାହିର କରିବା ଲାଗି ବ୍ଲୁପ୍ରିଣ୍ଟ ପ୍ରସ୍ତୁତି କରିବା ଆରମ୍ଭ କରିଛି। ପ୍ରଥମ ପର୍ଯ୍ୟାୟରେ ଜିଲା ପର୍ଯ୍ୟବେକ୍ଷକ ଥିବା ଡ.ଅରୁଣ ସାହୁଙ୍କ ସ୍ଥାନରେ ହେଭିୱେଟ ନେତା ତଥା ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ନୂତନ ପର୍ଯ୍ୟବେକ୍ଷକ ଭାବେ ଦଳ ନିଯୁକ୍ତ କରିଛି। ଦାୟିତ୍ୱ ନେବା ପରେ ପର୍ଯ୍ୟବେକ୍ଷକ ଦାସ ଶନିବାର ବାରିପଦାଠାରେ ପରିବର୍ଦ୍ଧିତ ଜିଲା କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେଇ କର୍ମୀମାନଙ୍କ ସହିତ ଆଲୋଚନା କରି ଫେରି ଯାଇଛନ୍ତି। ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ଆଲୋଚନା ବେଳେ ସେ କହିଛନ୍ତି, ଜିଲାର ନେତୃବୃନ୍ଦଙ୍କୁ ନେଇ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯିବ। ପରେ ଜିଲାର ସମସ୍ତ ସାଂଗଠନିକ ପଦବୀରେ ପରିବର୍ତ୍ତନ ଅଣାଯିବ। ଏହି ସୂଚନାକୁ ଆଧାର କରି ଜିଲାରେ ବିଜେଡି ଶିବିର ଚଳଚଞ୍ଚଳ ହୋଇ ଉଠିଛି। ବିଭିନ୍ନ ପଦପଦବୀ ପାଇବା ପାଇଁ ନେତାଙ୍କ ମଧ୍ୟରେ ପ୍ରତିଯୋଗିତା ଓ ଲବି ଆରମ୍ଭ ହୋଇଥିବା ସୂଚନା ମିଳିଛି।

ଉଲ୍ଲେଖନୀୟ ଯେ, ଗତ ସାଧାରଣ ନିର୍ବାଚନରେ ଦଳୀୟ ଟିକେଟରୁ ବଞ୍ଚିତ ହେବାରୁ ମୋରଡା ବିଧାୟକ ଥିବା ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଦଳର ଜିଲା ସଭାପତି ପଦବୀରୁ ଇସ୍ତଫା ଦେଇ ଭାଜପାରେ ଯୋଗ ଦେଇଥିଲେ। ପରେ ଦଳ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଥିବା ଦେବାଶିଷ ମହାନ୍ତିଙ୍କୁ ସଭାପତି ଦାୟିତ୍ୱ ଦେଇଥିଲା। ଦେବାଶିଷଙ୍କୁ ଏବେ ରାଜ୍ୟ କୃଷି ଉଦ୍ୟୋଗ ନିଗମର ଅଧକ୍ଷ ଭାବେ ନିଯୁକ୍ତ କରାଯାଇଥିବାରୁ ଜିଲା ସଭାପତି ପଦବୀରେ ଅନ୍ୟ ନେତାଙ୍କୁ ଥଇଥାନ କରିବାକୁ ଦଳ ଚିନ୍ତା କରିଥିବା ଚର୍ଚ୍ଚା ହେଉଛି। ଏହି ପଦବୀ ପାଇଁ ଗତ ସାଧାରଣ ନିର୍ବାଚନରେ ଦଳୀୟ ଟିକେଟରୁ ବଞ୍ଚିତ ହୋଇଥିବା ପୂର୍ବତନ ବାରିପଦା ବିଧାୟକ ତଥା ପୂର୍ବତନ ଓଡ଼ିଶା ବିଧାନସଭା ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ଗତ ସାଧାରଣ ନିର୍ବାଚନରେ ଏମପି ଟିକେଟ ପାଇ ପରାଜୟ ବରଣ କରିଥିବା ଯୁବ ନେତା ଡ.ଦେବାଶିଷ ମାରାଣ୍ଡି ନାଁ ଚର୍ଚ୍ଚାରେ ରହିଛି। ସେହିପରି ଜିଲାରେ ଯୁବ, ଛାତ୍ର ଓ ମହିଳା ସଂଗଠନ କଥା ଚିନ୍ତା କରାଯାଉଛି। ବର୍ତ୍ତମାନ ସାନନ୍ଦଙ୍କ ଘନିଷ୍ଠ କୁହାଯାଉଥିବା ଜିତେନ୍ଦ୍ର ମହାନ୍ତି ଯୁବ ସଭାପତି ଥିବା ବେଳେ ଅଭୟ ସିଂ ଛାତ୍ର ସଭାପତି ରହିଛନ୍ତି। ସାନନ୍ଦ ଉପ ବାଚସ୍ପତି ଥିବା ବେଳେ ଏହି ଦୁଇ ଜଣଙ୍କୁ ପଦବୀ ମିଳିଥିଲା। ସେହିପରି ବାଙ୍ଗିରିପୋଷି ବିଧାୟକ ତଥା ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି ଜିଲା ରାଜନୀତିରେ ନିଜ ପତିଆରା ବୃଦ୍ଧି କରିଛନ୍ତି। ଭାଜପାରୁ ଆସି ମୋରଡାରୁ ବିଜେଡି ବିଧାୟକ ଭାବେ ନିର୍ବାଚିତ ହୋଇଥିବା ରାଜକିଶୋର ଦାସ ମଧ୍ୟ ସକ୍ରିୟ ରହି ଦଳରେ ନିଜ ସମର୍ଥକଙ୍କୁ ଥଇଥାନର ଲାଗି ପଡିଛନ୍ତି। ଅନ୍ୟପକ୍ଷେ ଯୁବ ଓ ଛାତ୍ର ସଂଗଠନରେ ଜିଲାର ଏକ ନର୍ଦ୍ଦିଷ୍ଟ ଅଣରାଜନୈତିକ ସଂଗଠନକୁ ମିଶାଇବା ଯୋଜନା ଚାଲିଛି। ଗତ ମାସରେ ଜିଲା ଗସ୍ତରେ ଆସିଥିବା ଜଣେ ମନ୍ତ୍ରୀ ଏହି ଆଲୋଚନାର ମୁଖ୍ୟ ସୂତ୍ରଧାର ସାଜିଥିବା ଆଲୋଚନା ହେଉଛି। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମୟୂରଭଞ୍ଜ ଜିଲାରେ ଶାସକ ବିଜେଡିର ଶୋଚନୀୟ ପରାଜୟ ପରେ ଏହାର ସମୀକ୍ଷା କରାଯାଇ ଦଳ ପକ୍ଷରୁ ଜିଲା ସଂଗଠନର ନବକଳେବର କରାଯାଇଥିଲା। ଅସନ୍ତୁଷ୍ଟ ନେତାଙ୍କ ସମେତ ଯୁବ ଛାତ୍ର ନେତୃବୃନ୍ଦଙ୍କୁ ରାଜ୍ୟ କମିଟିର ବିଭିନ୍ନ ପଦପଦବୀରେ ସ୍ଥାନ ଦିଆଯାଇଥିଲା। ପୂର୍ବ ଘଟଣାକୁ ଦୃଷ୍ଟିରେ ରଖି ଏବଂ ନେତୃବୃନ୍ଦଙ୍କ ସାଂଗଠନିକ ସ୍ଥିତିକୁ ଦେଖି ଏଥର ଦଳ ପକ୍ଷରୁ ସେମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇ ପାରେ ବୋଲି ବରିଷ୍ଠ ନେତାମାନେ କହିଛନ୍ତି। ତେବେ ଜିଲାସ୍ତରୀୟ କମିଟିର ନିଷ୍ପତ୍ତି କ୍ରମେ ସାଂଗଠନିକ ଦାୟିତ୍ୱ ପ୍ରଦାନ କରାଯିବ ନେଇ ଚିନ୍ତା କରାଯିବ ବୋଲି ନବନିଯୁକ୍ତ ପର୍ଯ୍ୟବେକ୍ଷକ ସ୍ପଷ୍ଟ ଭାବେ ସୂଚନା ଦେଇଛନ୍ତି।

## ହଳଦିଆ ଘାଟରେ ବୁଡ଼ିଲା ଡଙ୍ଗା

### ଉଦ୍ଧାର କାର୍ଯ୍ୟ ଜାରି

ବାଲେଶ୍ୱର ଅଫିସ, ୮।୯

ବାଲେଶ୍ୱର ଜିଲା ରେମୁଣା ବ୍ଲକ ହଳଦିଆ ଗ୍ରାମ ଦେଇ ପ୍ରବାହିତ ବୁଢାବଳଙ୍ଗ ନଦୀର ହଳଦିଆ ଘାଟରେ ରବିବାର ସନ୍ଧ୍ୟା ପ୍ରାୟ ୭ଟା ୪୦ ମିନିଟ୍ ଏକ ଯାତ୍ରୀବାହୀ ଡଙ୍ଗା ବୁଡିଯାଇଥିଲା। ଏଥିରେ ଥିବା ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ମଧ୍ୟରେ କେତେକ ଯାତ୍ରୀ ପହଁରି ପହଁରି କୂଳ ଆସିଥିବା ଜଣାପଡିଛି। ଏହି ଖବର ପ୍ରଚାରିତ ହେବା ପରେ ରେମୁଣା ପୋଲିସ ଓ ଦମକଳ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଏପର୍ଯ୍ୟନ୍ତ କୌଣସି ଯାତ୍ରୀଙ୍କ ମୃତ କିମ୍ବା ଆହତଙ୍କ ସମ୍ପର୍କରେ କିଛି ସ୍ପଷ୍ଟ ସୂଚନା ମିଳିନାହିଁ।

ଏହି ଡଙ୍ଗାରେ ୫ଟି ସାଇକେଲ ସହ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଥିଲେ। ଡଙ୍ଗା କୂଳ ଛାଡିବାର ମାତ୍ର ୩୦ ଫୁଟ ଯିବା ପରେ ଏକ ଅର୍ଦ୍ଧନିର୍ମିତ ପୋଲରେ ପିଟି ହଠାତ୍ ଓଲଟି ପଡିଥିଲା। କେତେକ ଯାତ୍ରୀ ଜୀବନ ବିକଳରେ ପହଁରି ପହଁରି କୂଳକୁ ଆସି ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ଲୋକେ ପୋଲିସ ଓ ଦମକଳ ବାହିନୀକୁ ଖବର ଦେଇଥିଲେ। ଏହି ଡଙ୍ଗାରେ କୌଣସି ମହିଳା ଯାତ୍ରୀ ନ ଥିବା ଜଣାପଡିଛି। ଡଙ୍ଗାରେ ଯାଉଥିବା ଯାତ୍ରୀମାନେ ଲାଇଫ ଜ୍ୟାକେଟ ବ୍ୟବହାର କରୁ ନ ଥିବାରୁ ଏଭଳି ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅଗଷ୍ଟ ୩ରେ ଏଭଳି ଡଙ୍ଗାବୁଡି ଘଟଣା ଘଟିଥିଲା। ଏଥିରେ ଜଣେ ଯାତ୍ରୀଙ୍କର ମୃତ ହୋଇଥିଲା।

## ବୈତରଣୀରେ ଜଳସ୍ତର ହ୍ରାସ



ବିପଦ ସଙ୍କେତ ତଳେ ବୈତରଣୀ।

**ଟଳିଲା ବନ୍ୟା ଆଶଙ୍କା**

ଭଣ୍ଡାରିପୋଖରୀ, ୮।୯ (ଡି.ଏନ.ଏ.)

ବୈତରଣୀ ନଦୀରେ ଶନିବାର ବନ୍ୟାଜଳ ପ୍ରବେଶ କରି ବିପଦ ସଙ୍କେତ ଟପିଥିଲା। ଆଖୁଆପଦାଠାରେ ବିପଦ ସଙ୍କେତ ୧୭.୮୩ ମିଟର। ଶନିବାର ଅପରାହ୍ନରେ ବନ୍ୟାଜଳ ବିପଦ ସଙ୍କେତ ଅତିକ୍ରମ କରି ରାତି ୧୨ ଟା ବେଳକୁ ୧୮.୧୩ ମିଟର ଛୁଇଁଥିଲା। ୧୨ଟା ପରେ ଜଳସ୍ତର କ୍ରମଶଃ ହ୍ରାସ ପାଇବା ଆରମ୍ଭ କରି ରବିବାର ସକାଳ ୮ଟାରେ ବିପଦସଙ୍କେତ ତଳକୁ ଖସିଥିଲା। ବନ୍ୟାରେ ବୈତରଣୀ ନଦୀର କଣ୍ଟିଘାଇ ଏସ୍କେପ୍‌ରୁ ବନ୍ୟାଜଳ ପ୍ରବାହିତ ହୋଇ ଶାଖା ଗେଙ୍ଗୁଟିରେ ଜଳସ୍ତର ସାମାନ୍ୟ ବୃଦ୍ଧି ପାଇଥିଲା। କଣ୍ଟିଘାଇ ଏସ୍କେପ୍‌ରୁ ବନ୍ୟାଜଳ ବାହାରି କେତେକ ଚାଷଜମିରେ ମାଡ଼ି ଯାଇଥିଲା। ରବିବାର ଅପରାହ୍ନ ୪ଟା ସୁଦ୍ଧା ଆଖୁଆପଦାଠାରେ ବନ୍ୟାଜଳ ହ୍ରାସ ପାଇ ୧୭.୫୬ ମିଟରରେ ପ୍ରବାହିତ ହେଉଥିଲା। ଫଳରେ ବନ୍ୟା ଆଶଙ୍କା ଟଳିଛି। ତେବେ ନଦୀ ଉପରମୁଣ୍ଡ ଆଖୁଆପଦାରେ ୧୮.୬ ମି.ମି., ଆନନ୍ଦପୁରରେ ୧.୨, କେନ୍ଦୁଝରରେ ୮.୮, ଠାକୁରମୁଣ୍ଡାଠାରେ ୧୨.୪ ଓ ଚମ୍ପୁଆରେ ୪.୮ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

# ୪ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

ବାଲେଶ୍ୱର ଅଫିସ, ୮।୯

**୨ ବେପାରୀ ଗିରଫ**



ବାଲେଶ୍ୱର ସହଦେବଖୁଣ୍ଟା ମଡେଲ ଥାନା ପୋଲିସ ଶନିବାର ବିଳମ୍ବିତ ରାତିରେ ଅଡର ବଜାର ଅଞ୍ଚଳରେ ଚଢାଉ କରି ୪୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କା ହେବ। ଏଥିରେ ସମ୍ପୃକ୍ତ ୨ଜଣ ବେପାରୀଙ୍କୁ ଗିରଫ କରାଯିବା ସହ ଏକ କାର (ନଂ. ଓଡି୦୫୦୬) ଜବତ କରାଯାଇଛି। ୨ ବେପାରୀଙ୍କୁ ରବିବାର କୋର୍ଟଚାଲାଣ କରାଯାଇଥିବା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରମେଶ କୁମାର ପାଣିଗ୍ରାହୀ ଓ ଥାନା ଅଧିକାରୀ ପରେଶ ରାଉତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଗିରଫ ଦୁଇ ଯୁବକ ହେଲେ ପୁରୀ ଜିଲା କୋଣାର୍କ ଥାନା ଜୁନେଇ ଗ୍ରାମର ଦିଲୀପ କାଣ୍ଡି (୩୨) ଏବଂ କଟକ ଜିଲା ବକ୍ସି ବଜାର ଥାନା ମକରାବାଗ ଅଞ୍ଚଳର ସୁଜିତ ମିଶ୍ର(୪୩)। ସେମାନଙ୍କଠାରୁ ୩ଟି ମୋବାଇଲ ଫୋନ, ୪ହଜାର ଟଙ୍କା ପୋଲିସ ଜବତ କରାଯାଇଛି। ଏନେଇ ସହଦେବଖୁଣ୍ଟା ମଡେଲ ଥାନାରେ ଏକ ମାମଲା (ନଂ.୨୬୦/୧୯)ରୁଜୁ କରାଯାଇଛି। ଅଡର ବଜାର ଅଞ୍ଚଳରେ ବ୍ରାଉନସୁଗାର କାରବାର ଚାଲିଥିବାର ଖବର ପାଇ ପୋଲିସ ଚଢାଉ କରିଥିଲା। ପୋଲିସକୁ ଦେଖି ବେପାରୀମାନେ ପଳାଇବାକୁ ଚେଷ୍ଟା କରିଥିଲେ। ପୋଲିସ ତାଙ୍କ ପିଛା କରି ଫୁଲାଡିସ୍ଥିତ ହରିପୁର ଛକରେ ସେମାନଙ୍କୁ ଧରିଥିଲା।

## ରାସ୍ତାକଡରୁ ଯୁବକଙ୍କ ମୃତଦେହ ଉଦ୍ଧାର

ସୋର, ୮।୯ (ଡି.ଏନ.ଏ.)-ସୋର ଥାନା ତଳନଗର ନିକଟ ଜାତୀୟ ରାଜପଥ ପାର୍ଶ୍ୱ ଯାତ୍ରୀ ବିଶ୍ରାମାଗାରଠାରୁ ରବିବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ସ୍ଥାନୀୟ ଲୋକେ ଏହି ମୃତଦେହ ଦେଖି ସୋର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଶବ ଉଦ୍ଧାର କରି କେସ୍ (ନଂ. ୩୯୨/୧୯) ରୁଜୁ କରି ବ୍ୟବଚ୍ଛେଦ କରାଇଛି। ଏହି ଯୁବକ ହେଲେ ଛତ୍ରପୁର ଗ୍ରାମର ଅନୀଲ କୁମାର ମାନା(୪୫)। ଶନିବାର ଅମିତ୍ ବେତଡାରେ ଥିବା ଜଣେ ସମ୍ପର୍କୀୟଙ୍କ ଘରକୁ କୌଣସି କାମରେ ଯାଇ ଜଣଙ୍କ ବାଇକ୍‌ରେ ଫେରୁଥିଲେ। ହେଲେ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା ସେନେଇ ପୋଲିସ ତଦନ୍ତ ଜାରି ରଖିଛି।

## ଜରିମାନା ନେଇ ପାତରଅନ୍ତର

କେନ୍ଦୁଝର, ୮।୯(ଡି.ଏନ୍.ଏ.) ଟ୍ରାଫିକ୍ ନିୟମ କଡାକଡି ହେବା ପରେ ଗତ ୫ ତାରିଖ ଗୁରୁବାର ସନ୍ଧ୍ୟାରେ କେନ୍ଦୁଝର ସହରର ଲାବଣ୍ୟ ଛକଠାରେ ଟାଉନ ପୋଲିସ ପକ୍ଷରୁ ହେଲମେଟ ଚେକିଂ କରାଯାଇଥିଲା। ମାତ୍ର ଏଠାରେ ପ୍ରଶ୍ନ ଉଠୁଛି ଯେ ଏହି ହେଲମେଟ ଚେକିଂ ସମୟରେ ବାଇକ୍ ଚାଳକ ନିରଞ୍ଜନ ନାୟକ ନାମକ ଜଣେ ବ୍ୟକ୍ତି ହେଲମେଟ ପିନ୍ଧି ନ ଥିବାରୁ ତାଙ୍କଠାରୁ ୧୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବାବେଳେ ସେହି ସମୟରେ ଅନ୍ୟ ବାଇକ୍ ଚାଳକ ଧୀରରଞ୍ଜନ ଦାସଙ୍କଠାରୁ ୫୦୦ ଟଙ୍କା ଜରିମାନା ଆଦାୟ କରିବା ଘଟଣା ସାଧାରଣରେ ନାପସନ୍ଦ କରାଯାଇଛି। ଏପରି ଅସ୍ପଷ୍ଟ ଜରିମାନା ଆଦାୟ କରିବା ଦ୍ୱାରା ସାଧାରଣରେ ପୋଲିସର ସ୍ୱଚ୍ଛତା ନେଇ ଅଙ୍ଗୁଳି ଉଠିଛି। ଏ ସମ୍ପର୍କରେ କେନ୍ଦୁଝର ଟାଉନ ଥାନା ଇନ୍ସପେକ୍ଟର ସୋମନାଥ ଜେନାଙ୍କୁ ପଚାରିବାରୁ ହେଲମେଟ ନ ପିନ୍ଧିଲେ ୧୦୦୦ ଟଙ୍କା ଜରିମାନା ହେବା କଥା, କୌଣସି ପୋଲିସ କର୍ମଚାରୀ ଭୁଲ୍‌ରେ ଏପରି କାଟି ଥାଇପାରନ୍ତି ବୋଲି ସେ ପ୍ରକାଶ କରିଛନ୍ତି।

## ଭାଙ୍ଗିଲା ଫାପୁଡିଆ ନାଳ ପୋଲ

### ଆନନ୍ଦପୁରକୁ ସିଧାସଳଖ ଯୋଗାଯୋଗ ବିଚ୍ଛିନ୍ନ



ଆନନ୍ଦପୁର,୮।୯(ସ୍ୱ.ପ୍ର.)

୨୦ ନଂ ଜାତୀୟ ରାଜପଥର ଆନନ୍ଦପୁର ଠାରୁ ସରେଇ ଗ୍ରାମକୁ ଯୋଗେଯାଗ କରୁଥିବା ରାସ୍ତାର ଫାପୁଡିଆ ନାଳ ଉପରେ ହୋଇଥିବା ପୋଲ ଭୁଶୁଡ଼ି ପଡିଛି। ଶନିବାର ରାତି ପାଖାପାଖି ୧୦ଟା ସମୟରେ ଏହି ପୋଲ ଭୁଶୁଡିଥିବା ଗ୍ରାମବାସୀ କହିଛନ୍ତି। ପୂର୍ବଦିନ ରାତି ତଥା ଶୁକ୍ରବାର ହୋଇଥିବା ବର୍ଷା ପ୍ରଭାବରେ ନାଳରେ ବର୍ଷା ଜଳ ଯଥେଷ୍ଟ ବୃଦ୍ଧି ପାଇଥିଲା। ଫଳରେ ବହୁ ପୁରୁଣା ଏହି ପୋଲଟିର ଉଭୟପାର୍ଶ୍ୱ ଅତଡା ଖାଇ ଶେଷରେ ଭୁଶୁଡି ପଡିଥିବା ଜଣାପଡିଛି। ଫଳରେ ସରେଇ ସହିତ ଆନନ୍ଦପୁରକୁ ସିଧାସଳଖ ଯୋଗାଯୋଗରେ ବାଧାପ୍ରାପ୍ତ ହୋଇଛି। ସଂପୃକ୍ତ ରାସ୍ତା ଦେଇ ସରେଇ ଗ୍ରାମବାସୀ ମାତ୍ର ୫ କି.ମି. ଅତିକ୍ରମ କରିବା ପରେ ଆନନ୍ଦପୁରରେ ପହଞ୍ଚିଥାନ୍ତି। ଏହି ପୋଲ ଭାଙ୍ଗିବା ଫଳରେ ଲୋକମାନଙ୍କୁ ଏବେ ୧୦ ରୁ ୧୫ କି.ମି. ବୁଲି ବୁଲି ଆସିବାକୁ ପଡିବ। ପୋଲର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏହାକୁ ଶୀଘ୍ର ନିର୍ମାଣ କରିବାକୁ ଗାଁ ଲୋକେ ଦାବି କରିଛନ୍ତି। ଦେଓଗାଁ କୁଶଳେଶ୍ୱର ପୀଠକୁ ଯାତାୟତ ପାଇଁ ୮ ରୁ ୯ ଗୋଟି ଗ୍ରାମର ଲୋକମାନେ ଏହି ସର୍ଟକର୍ଟ ରାସ୍ତା ଉପରେ ନିର୍ଭର କରିଥାନ୍ତି। ତେବେ ଏହି ବିପର୍ଯ୍ୟୟ ଦ୍ୱାରା ଏବେ ଲୋକମାନେ ବହୁଳ ଭାବରେ ପ୍ରଭାବିତ ହେବା ଆଶଙ୍କା କରାଯାଉଛି। ଖୁବ ଶୀଘ୍ର ଏହି ପୋଲର ନିର୍ମାଣ କାର୍ଯ୍ୟ କରାଯିବାର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଉପଜିଲାପାଳ ରବୀନ୍ଦ୍ର କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଶୁକ୍ରବାର ରାତି ୧୦ ଟାରୁ ଶନିବାର ସକାଳ ୮ ଟା ଯାଏ ଆନନ୍ଦପୁର ଓ ଘସିପୁରା ଅଂଚଳରେ ୨୫୫.୦୨ ମି.ମି. ବର୍ଷା ହୋଇଥିଲା। ଏହି ବର୍ଷା ପ୍ରଭାବରେ ବିଭିନ୍ନ ଅଞ୍ଚଳ ଜଳମଗ୍ନ ହେବା ସହିତ ନାଳ ଗୁଡିକରେ ଜଳରାଶି ବୃଦ୍ଧି ପାଇଥିବା ଦେଖାଯାଇଥିଲା।

# ଦେଢ଼ମାସର ପୁଅକୁ ଶ୍ୱାସରୁଦ୍ଧ କରି ହତ୍ୟା

- ୯ ଦିନ ପରେ ଥାନାରେ ଏତଲା
- ଅଭିଯୁକ୍ତ ବାପ ଗିରଫ

ଭଦ୍ରକ ଅଫିସ, ୮।୯

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଗେଲଟୁଆ ନୂଆକଲୋନୀରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହକୁ କେନ୍ଦ୍ରକରି ଟୁବୁ ମୁଣ୍ଡା ନାମକ ଜଣେ ବ୍ୟକ୍ତି ନିଜ ଦେଢ଼ମାସର ପୁଅକୁ ଗତ ୩୦ ତାରିଖରେ ଶ୍ୱାସରୁଦ୍ଧ କରି ହତ୍ୟା କରିବା ପରେ ମାଟି ଖୋଳି ପୋତି ଦେଇଥିଲେ। ତାଙ୍କ ସ୍ତ୍ରୀ ନନ୍ଦିନୀ ୯ ଦିନ ପରେ ଶନିବାର ସନ୍ଧ୍ୟାରେ ଏ ନେଇ ଟାଉନ ଥାନାରେ ଏତଲା ଦେବା ପରେ ଘଟଣା ପଦାକୁ ଆସିଛି। ଟାଉନ ଥାନା ପୋଲିସ ଶନିବାର ରାତିରେ ମାମଲା(ନଂ.୨୬୨/୧୯) ରୁଜୁ କରି ଅଭିଯୁକ୍ତ ଟୁବୁଙ୍କୁ ଆଣି ଅଟକ ରଖିଥିଲା। ରବିବାର ପୋଲିସ ତାଙ୍କୁ ଘଟଣାସ୍ଥଳକୁ ସାଙ୍ଗରେ ନେଇ ତଦନ୍ତ କରିଥିଲା। ରବିବାର ମାଜିଷ୍ଟ୍ରେଟ୍ ନ ରହିବା ଯୋଗୁ ମାଟି ତଳୁ ମୃତଦେହ ଖୋଳାଯାଇ ପାରି ନ ଥିଲା। ସୀମା ନିର୍ଦ୍ଧାରଣ ପାଇଁ ଆର୍‌ଆଇ ଘଟଣାସ୍ଥଳରେ ପହଞ୍ଚିବା ପରେ ଉକ୍ତ ଅଞ୍ଚଳ ଗ୍ରାମାଞ୍ଚଳ ଥାନା ଅଧୀନରେ ଯାଉଥିବା ସ୍ଥିର ହୋଇଥିଲା। ଏହାପରେ ଗ୍ରାମାଞ୍ଚଳ ଥାନାଧିକାରୀ ପ୍ରଭାଂସୁ ମିଶ୍ର ଟାଉନ ଥାନାରେ ଅଟକ ଥିବା ଟୁବୁଙ୍କୁ ହତ୍ୟା ମାମଲାରେ ଗିରଫ କରିଛି। ଏ ନେଇ ଗ୍ରାମାଞ୍ଚଳ ଥାନାରେ ମାମଲା(ନଂ.୪୮୨/୧୯) ରୁଜୁ ହୋଇଛି। ସୋମବାର ମାଟି ଖୋଳି ଶିଶୁପୁତ୍ରର ମୃତଦେହ ବାହାର କରାଯାଇ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ କରାଯିବ ବୋଲି ସୂଚନା ଦିଆଯାଇଛି।

ଅଭିଯୋଗ ଅନୁଯାୟୀ, ଟୁବୁ ମଦ୍ୟପାନ କରି ଘରେ କଳହ କରୁଥିଲେ। ଗତ ୩୦ ତାରିଖ ରାତିରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାପରେ ଟୁବୁ ତାଙ୍କ ଦେଢ଼ମାସର ଶିଶୁପୁତ୍ରକୁ ନେଇ ଘରେ ତାଲା ପକାଇ ଶୋଇଥିଲେ। ନନ୍ଦିନୀଙ୍କୁ ଘରେ ପଶିବାକୁ ଦେଇ ନ ଥିଲେ। ତେଣୁ ସେ ଦୁଇଝିଅଙ୍କୁ ଧରି ବାରଣ୍ଡାରେ ଶୋଇଥିଲେ। ମାତ୍ର ଅନେକ ସମୟ ଧରି ପୁଅର ପାଟି ନ ଶୁଭିବାରୁ ନନ୍ଦିନୀ କବାଟ ବାଡ଼େଇବା ପରେ ଟୁବୁ ଖୋଲିଥିଲେ। ସେତେବେଳକୁ ପୁଅର ମୃତ୍ୟୁ ହୋଇସାରିଥିଲା। ଦୁହେଁ ବୁଝାମଣା ଭିତ୍ତିରେ ଘର ନିକଟରେ ଗାତ ଖୋଳି ପୁଅର ମୃତଦେହକୁ ପୋତି ଦେଇଥିଲେ। ହେଲେ ଗତ ଶନିବାର ଟୁବୁ ତାଙ୍କୁ ପିଟିବାରୁ ସେ ଥାନାରେ ଏତଲା ଦେଇଛନ୍ତି।

- ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା

# ଫେରାର ଅଭିଯୁକ୍ତ ଗିରଫ

ତିହିଡ଼ି, ୮।୯ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ଥାନା ରାଜନଗର ପଞ୍ଚାୟତ ଅଧୀନ ଚାରିତରଫ ଗ୍ରାମର ସାବିତ୍ରୀ ମହାକୁଡ଼ ନାମ୍ନୀ ଜଣେ ଯୁବତୀଙ୍କୁ ଗତ ମାସ ୨୯ ତାରିଖ ରାତିରେ ବଳାତ୍କାର ପରେ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା(ନଂ.୩୯୦/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଏହି ଘଟଣାରେ ଫେରାର ଥିବା ଅଭିଯୁକ୍ତ ବାହାରପାଳ ଗ୍ରାମର ଜଗବନ୍ଧୁ ପଲେଇଙ୍କୁ ରବିବାର ପୋଲିସ ଗିରଫ କରିଛି। ଜଗବନ୍ଧୁ କଲିକତାରୁ ଘରକୁ ଫେରୁଥିବା ବେଳେ କମାରିଆ ବଜାର ନିକଟରେ ପୋଲିସ ତାଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି।

ଉଲ୍ଲେଖନୀୟ ଯେ, ଗତ ୨୯ ତାରିଖ ସନ୍ଧ୍ୟାରେ ସାବିତ୍ରୀ କେଉଁଆଡ଼େ ଚାଲି ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଚାରିଆଡ଼େ ଖୋଜାଖୋଜି କରିଥିଲେ। ପରେ ବାହାରପାଳ ଗ୍ରାମର ଜଣେ ଯୁବକଙ୍କ ବାଇକ୍‌ରେ ବସି ସାବିତ୍ରୀ ଗଦି ଆଡ଼କୁ ଯାଇଥିବା ତାଙ୍କ ବାପା ଭାଗୀରଥି କେତେକ ଗ୍ରାମବାସୀଙ୍କଠାରୁ ଖବର ପାଇଥିଲେ। ପରେ ସେ ବିଭିନ୍ନ ଆଡ଼େ ସନ୍ଧାନ ନେଇଥିଲେ ମଧ୍ୟ ସାବିତ୍ରୀଙ୍କର କୌଣସି ଖୋଜଖବର ପାଇ ନ ଥିଲେ। ପରଦିନ ସକାଳେ ନାୟକାଣିଡିହୀ ଥାନା ବାଲିମେଦ ପଞ୍ଚାୟତ ଅଧୀନ ପାଇକ୍‌ସାହି ନିକଟ ନୟନଯୋରିରୁ ଜଣେ ଯୁବତୀଙ୍କ ମୃତଦେହ ମିଳିଥିବା ଏବଂ ବ୍ୟବଚ୍ଛେଦ ପାଇଁ ନିଆଯାଇଥିବା ଜାଣିବା ପରେ ସେ ଭଦ୍ରକ ଡାକ୍ତରଖାନାକୁ ଯାଇଥିଲେ। ତାଙ୍କ ଝିଅର ମୃତଦେହ ହୋଇଥିବା ଭାଗୀରଥି ଚିହ୍ନଟ କରିଥିଲେ। ପରେ ସେ ଜଗବନ୍ଧୁ ସାବିତ୍ରୀଙ୍କୁ ବଳାତ୍କାର ପରେ ହତ୍ୟା କରିଥିବା ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ। ମାତ୍ର ଜଗବନ୍ଧୁ ଫେରାର ଥିବାରୁ ପୋଲିସ ତାଙ୍କୁ ଗିରଫ କରିପାରି ନ ଥିଲା।

# ଗୋଟିଏ ରାତିରେ ୪ ମନ୍ଦିରରୁ ଚୋରି

ଭଣ୍ଡାରିପୋଖରୀ, ୮।୯ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଞ୍ଚଳରେ ଥିବା ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ, ଗୁରୁତ୍ୱପୂର୍ଣ୍ଣ ପ୍ରାଚୀନ ମୂର୍ତ୍ତିଗୁଡ଼ିକୁ ସୁରକ୍ଷା ଦେବାରେ ପୋଲିସ ବିଫଳ ହୋଇଛି। ସ୍ଥାନୀୟ, ରାଜ୍ୟସ୍ତରୀୟ ଓ ଆନ୍ତର୍ଜାତିକ ମୂର୍ତ୍ତି ଚୋରଙ୍କ ଲୋଲୁପ ଦୃଷ୍ଟି ଏହି ପ୍ରାଚୀନ କୀର୍ତ୍ତିରାଜି ଉପରେ ପଡ଼ିଥିବା ବିଭିନ୍ନ ଚୋରି ଘଟଣାରୁ ସ୍ପଷ୍ଟ ହେଉଛି। ମାତ୍ର ସ୍ଥାନୀୟ ପୋଲିସ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ନିୟମିତ ବ୍ୟବଧାନରେ ଚୋରି ହେଉଥିବା ବେଳେ ପୋଲିସ ନାମକୁ ମାତ୍ର କେତୋଟି ଘଟଣାରେ ମାମଲା ରୁଜୁ କରି ଚୁପ୍ ହୋଇବସିଛି। ଶନିବାର ରାତିରେ ରଣଜିତ୍ ପଞ୍ଚାୟତ ମଞ୍ଜୁରି ଗ୍ରାମର ବିଭିନ୍ନ ସ୍ଥାନରେ ଥିବା ୪ଟି ମନ୍ଦିରରୁ ଚୋରି ହୋଇଛି। ଚୋରମାନେ ମନ୍ଦିର ତାଲା କାଟି ଠାକୁରଙ୍କ ଆସବାବପତ୍ର ଚୋରି କରି ନେଇଯାଇଛନ୍ତି। ଗ୍ରାମରେ ଥିବା ମା' ରକ୍ଷାକାଳୀ ମନ୍ଦିର, ଥାନେଶ୍ୱର ମହାଦେବ, ଅପୂଜା ମହାଦେବ ଓ ହନୁମାନ ମନ୍ଦିରରୁ ଠାକୁରଙ୍କ ବାସନ, ଘଣ୍ଟା, ଆଳତି, ବାଲ୍‌ଟି, ଦୀପ ଓ କଳସ ଚୋରି ହୋଇଛି। ସ୍ଥାନୀୟ ଲୋକେ ପୋଲିସ ଉପରୁ ଆସ୍ଥା ହରାଇ ଅଭିଯୋଗ କରିବାକୁ ଉଚିତ୍ ମଣୁନାହାନ୍ତି। ୪ ମନ୍ଦିରରୁ ଚୋରି ହୋଇଥିବା ବେଳେ କେବଳ ରକ୍ଷାକାଳୀ ମନ୍ଦିର କମିଟି ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରି ଫେରିଛି। ରିପୋର୍ଟ ଲେଖାଯିବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇ ନାହିଁ।

ପ୍ରକାଶ ଯେ, ୨୦୧୭ରେ ଥାନେଶ୍ୱର ମହାଦେବ ମନ୍ଦିର ପାର୍ଶ୍ୱରେ ଥିବା ନାରାୟଣୀ ମୂର୍ତ୍ତି ଚୋରି ହୋଇଥିଲା। ସେହିପରି ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଷୋଳମପୁରସ୍ଥିତ ବୌଦ୍ଧବିହାରରୁ ୨୦୧୬ରେ ଦିନଦ୍ୱିପ୍ରହରରେ ବହୁମୂଲ୍ୟର ଏକାଧିକ ମୂର୍ତ୍ତି ଚୋରମାନେ ଚୋରି କରି ନେଇଯାଇଥିଲେ। ଏହି ଘଟଣାରେ ପୋଲିସ ମାମଲା ରୁଜୁ କରିଥିଲା। ହେଲେ ଚୋରଙ୍କୁ ଠାବ କରିପାରି ନାହିଁ କି ମୂର୍ତ୍ତି ଉଦ୍ଧାର ହୋଇପାରି ନାହିଁ। ଗତ ଏପ୍ରିଲ ମାସରେ ପୁଣି ବୌଦ୍ଧବିହାରରୁ ଦିନରେ ମୂର୍ତ୍ତି ଚୋରି ହେବାରୁ ଗାଁ ଲୋକେ ପୋଲିସ କିଛି କରିପାରିବ ନାହିଁ ଭାବି ଥାନାରେ ଅଭିଯୋଗ ମଧ୍ୟ କରି ନ ଥିଲେ। ଭଣ୍ଡାରିପୋଖରୀ ଅଞ୍ଚଳରେ ଥିବା ମଠ, ମନ୍ଦିର, ପ୍ରାଚୀନ ଐତିହ୍ୟ ମୂର୍ତ୍ତି ସମ୍ପୂର୍ଣ୍ଣ ଭାବେ ଅସୁରକ୍ଷିତ ବୋଲି ଏହିସବୁ ଘଟଣାରୁ ସ୍ପଷ୍ଟ ବାରି ହେଉଛି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ଲଗାଣ ବର୍ଷାରେ ଚାଷ ଜମି ଜଳମଗ୍ନ

ହାଟଡିହୀ, ୮।୯(ସ୍ୱ.ପ୍ର.)- ଗତ ଦୁଇଦିନ ହେଲା ଲଗାଣ ବର୍ଷାରେ ହାଟଡିହୀ ବ୍ଲକରେ ଏକର ଏକର ଚାଷ ଜମି ଜଳମଗ୍ନ ହୋଇଥିବା ଦେଖିବାକୁ ମିଳୁଛି । ଚାଷୀ ନିଜର ସର୍ବସ୍ୱ ଦେଇ ଫସଲ କରିଥିବାବେଳେ ପ୍ରକୃତି ସାଜିଛି ବଇରୀ। ଫସଲ ନଷ୍ଟ ହୋଇଯିବା ଭୟରେ ଚାଷୀ ହତାଶ ହୋଇ ମୁଣ୍ଡରେ ହାତଦେଇ ବସିଛି । ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଜଳନିଷ୍କାସନ ବ୍ୟବସ୍ଥା କରିବା ସହିତ କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ ସହାୟତା ଯୋଗାଇବାକୁ ସାଧାରଣରେ ଦାବି ହେଉଛି ।

### ଛାତ୍ରୀଛାତ୍ରଙ୍କୁ ଏକଲବ୍ୟ ପୁରସ୍କାର ପ୍ରଦାନ

ବଉଳା, ୮।୯(ଡି.ଏନ.ଏ.)- ହାଟଡ଼ିହୀ ବ୍ଲକର କାହାଲିଆଗଡ଼ିଆରେ ଥିବା ଏସିବି ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଲେଖ ଚନ୍ଦ୍ର ବେହେରା କୃତୀ ଛାତ୍ରୀଛାତ୍ରଙ୍କୁ ଏକଲବ୍ୟ ପୁରସ୍କାର ପ୍ରଦାନ କରିଛନ୍ତି । ସେ ବିଦ୍ୟାଳୟ ଗୁଡ଼ିକରେ ଚାରାରୋପଣ କରି ସଚେତନତା ସୃଷ୍ଟି କରୁଥିବା ବେଳେ ସ୍ୱାଧୀନତା ଦିବସ ପାଇଁ ପରେଡ ସରଞ୍ଜାମ ପ୍ରଦାନ କରିଛନ୍ତି । ପଡ଼ିଆରୀପଲୀ ପଞ୍ଚାୟତରେ ସବୁ ବିଦ୍ୟାଳୟରେ ନଡ଼ିଆଗଛ ନିଜସ୍ୱ ହାତ ପାଣ୍ଠିରୁ କିଣି ବିଦ୍ୟାଳୟ ଗୁଡ଼ିକରେ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ସହଯୋଗରେ ଗଛ ଲଗାଯାଉଥିବା ବେଳେ ଏବେ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମ ଗୁରୁଦିବସଠାରୁ ଆରମ୍ଭ କରିଛନ୍ତି । ଧର୍ନୁଜୟପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରୁ ଏହା ଶୁଭାରମ୍ଭ କରିଛନ୍ତି। ଏହି ବିଦ୍ୟାଳୟରେ ୧୦ମ ଶ୍ରେଣୀର ୧୦ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାଗୀରଥି ପଲେଇ, ସୁଧାଂଶୁ ଶେଖର ବିଶ୍ୱାଳ, ଅଚ୍ୟୁତାନନ୍ଦ ସେଠୀ, ଗୌରାଙ୍ଗ ଚରଣ ପଣ୍ଡିତ, ମନସ୍ୱିନୀ ଖଣ୍ଡାଇ, ରାଜେଶ କୁମାର ପଣ୍ଡା, ଋଜାଲିପ୍ସା ବାରିକ, ଠାକୁର ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ ।

### ଶତାୟୁ ଚିନ୍ତାମଣି ସମ୍ବର୍ଦ୍ଧିତ

ପାଟଣା,୮।୯(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ସ୍ୱାମ ଶାସନର ବର୍ଷୀୟାନ ପ୍ରଜ୍ଞା ପୁରୁଷ, ବୁଦ୍ଧିଜୀବୀ, ସୁଲେଖକ ଓ ବାଗ୍ମୀ ଚିନ୍ତାମଣି ପତି ଶହେ ବର୍ଷରେ ପଦାର୍ପଣ କରିଛନ୍ତି। ଏଥି ସକାଶେ ସ୍ୱାମ ଶାସନରେ ରବିବାର ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ତାଙ୍କ ଦୀର୍ଘ ନିରାମୟ ସୁସ୍ଥ ଜୀବନ କାମନା କରି ତାଙ୍କୁ ଅଙ୍ଗବସ୍ତ୍ର, ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। ଏହି ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ପଞ୍ଚାନନ ଦାଶ, ବଳଭଦ୍ର କର, ଗୌର ଚନ୍ଦ୍ର ତ୍ରିପାଠୀ, ଅଭିମନ୍ୟୁ ତ୍ରିପାଠୀ, ବରିଷ୍ଠ ବ୍ୟକ୍ତି କୈଳାସଚନ୍ଦ୍ର ଦାଶ, ସାମାଜିକ କର୍ମୀ ଅଜିତ କୁମାର ଦାଶ, ଜ୍ଞାନେନ୍ଦ୍ର କୁମାର ମିଶ୍ର, ଶିବ ପ୍ରସାଦ ଦାଶ ପ୍ରମୁଖ ମିଶି ଚିନ୍ତାମଣିଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବକୁ ପାଳନ କରିଥିଲେ।

### ପାତ୍ରତନ୍ତୀ କଲ୍ୟାଣ ସମିତିର ସମ୍ବର୍ଦ୍ଧନା ସଭା

ଯୋଡ଼ା ୮।୯ (ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡା ବ୍ଲକ ବିଲେଇପଦା ଅତିଥି ଭବନଠାରେ ରବିବାର ପାତ୍ରତନ୍ତୀ କଲ୍ୟାଣ ସମିତିର ନବନିର୍ବାଚିତ ସଦସ୍ୟଙ୍କର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ସଭା କାର୍ଯ୍ୟ ପ୍ରାରମ୍ଭରୁ ନିମନ୍ତ୍ରିତ ଅତିଥି ଭାବେ ଚମ୍ପୁଆରୁ ସୁରେଶ ପାତ୍ର, ଚିନ୍ତାମଣି ପାତ୍ର, ସରୋଜ ପାତ୍ର, ମକୁ ପାତ୍ର, କୃଷ୍ଣଚନ୍ଦ୍ର ପାତ୍ର ଓ କେନ୍ଦୁଝରରୁ ସନ୍ତୋଷ କୁମାର ଦାସ, ଶରତ ପାତ୍ର, ବାବାଜୀ ପାତ୍ର ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ଯୋଡା ନବନିର୍ବାଚିତ ସଦସ୍ୟଙ୍କୁ ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧନା ଦିଆଯାଇଥିଲା। ସମିତିର ସଭାପତି କରୁଣାକର ପାତ୍ରଙ୍କ ଅଧ୍ୟକ୍ଷତାରେ ମନୋନୀତ ହୋଇଥିବା ସମ୍ପାଦକ ମାଗୁଣି ଚରଣ ପାତ୍ର ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ ଏବଂ ଅଭିନନ୍ଦନ ଜଣାଇ ସମିତିର ବିକାଶ ଦିଗରେ ବହୁମୁଖୀ ଯୋଜନାକୁ ବାସ୍ତବ ରୂପ ଦେବା ପାଇଁ ଆହ୍ୱାନ କରିଥିଲେ। ଏଦିଗରେ ସମସ୍ତ ପ୍ରକାର କଲ୍ୟାଣମୂଳକ ପଦକ୍ଷେପକୁ ସାକାର କରିବାକୁ ସହସଂପାଦକ ନରେଶ ପାତ୍ର, ଉପସଭାପତି ମାୟାଧର ପାତ୍ର, ସହକୋଷାଧ୍ୟକ୍ଷ ସୁରେନ୍ଦ୍ର ପାତ୍ର, ଉପଦେଷ୍ଟା ଧର୍ନୁର୍ଦ୍ଧର ପାତ୍ର, ଝାଡେଶ୍ୱର ପାତ୍ର ପ୍ରମୁଖ ପ୍ରତିଶ୍ରୁତି ଦେଇଥିଲେ ।

# ଟ୍ରାଫିକ୍ ସମସ୍ୟାରେ ଜର୍ଜରିତ କେନ୍ଦୁଝର

ଦୀପକ ମିଶ୍ର
କେନ୍ଦୁଝର

କେନ୍ଦୁଝର ଜିଲାରେ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଜଟିଳ ରୂପ ନେବାରେ ଲାଗିଛି। କେବଳ ଯୋଡା, ବଡବିଲ ପରି ଖଣି ଓ ଶିଳ୍ପ ସମୃଦ୍ଧ ଅଞ୍ଚଳ ନୁହେଁ ଶୁଆକାଟୀ ସମେତ କେନ୍ଦୁଝର ସଦର ମହକୁମା ଅଞ୍ଚଳ ଏଥିରୁ ବାଦ ପଡୁନି। ଟ୍ରକ ଓ ଅନ୍ୟ ଭାରି ଯାନ ଯୋଗେ ଉଚ୍ଚମାନର ଖଣିଜ ପଦାର୍ଥ ଅହୋରାତ୍ର ପରିବହନ କରାଯାଉଥିବାରୁ ସଡକପଥ ଅସୁରକ୍ଷିତ ହୋଇପଡିଛି। ଟ୍ରାଫିକ୍ ଜାମ୍ ସମସ୍ୟା ଯୋଗୁ ରୋଗୀଙ୍କୁ ଜରୁରୀ ଚିକିତ୍ସା ଲାଗି ଡାକ୍ତରଖାନା ନିଆଯାଇ ପାରୁ ନି କି ଆମ୍ବୁଲାନ୍ସ, ଦମକଳ ଆସି ପାରୁ ନାହିଁ। ଖଣିଜ ଦ୍ରବ୍ୟ ପରିବହନ ଲାଗି ବିକଳ୍ପ ରାସ୍ତା ବ୍ୟବସ୍ଥା ହୋଇ ନ ଥିବା କାରଣରୁ ଏପରି ଅବ୍ୟବସ୍ଥା ଦେଖାଦେଇଛି। କେନ୍ଦୁଝର ସଦର ମହକୁମା ଦେଇ ଯାଇଥିବା ୪୯ ଓ ୨୦ ନମ୍ବର ଜାତୀୟ ରାଜପଥ ଏଠାରେ ପରସ୍ପରକୁ ଅତିକ୍ରମ କରିଛି। ଏହି ରାସ୍ତାରେ ଖଣିଜ ପରିବହନ ଯୋଗୁ ସହର ନିକଟ ଗାନ୍ଧୀ ଛକ, ସିରୀଜଉଦ୍ଦିନ ଛକ, ଜୁଡ଼ିଆ ଉଠାଣି ରାସ୍ତା ସମେତ ଅନ୍ୟାନ୍ୟ ସ୍ଥାନରେ


ଟ୍ରାଫିକ ଜାମରେ ଛାତ୍ରୀଛାତ୍ରଙ୍କ ସହ ଆମ୍ବୁଲାନ୍ସ ଫସି ରହିଛି।

ଟ୍ରାଫିକ ଜାମ ଲୋକଙ୍କ ଚଳାଚଳରେ ବାଧକ ସାଜିଛି। ଏହି ଜାତୀୟ ରାଜପଥକୁ ସହରର ଆଭ୍ୟନ୍ତରୀଣ ସଡ଼କ ପଥ ସଂଯୋଗ କରୁଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନଜୀବନ ମଧ୍ୟ ନଷ୍ଟ ହେଉଛି। ଏ ସମ୍ପର୍କରେ ଏକ ମତାମତ ଭିତ୍ତିକ ଉପସ୍ଥାପନା।

#### ଟ୍ରକ ଚଳାଚଳ ଉପରେ ଅଙ୍କୁଶ ଲୋଡ଼ା

➢ କେନ୍ଦୁଝର ଜିଲାରେ ଟ୍ରାଫିକ୍ ସମସ୍ୟା ଏପରିସ୍ତରରେ ପହଞ୍ଚିଛି ଯେ ସାଧାରଣ ଲୋକେ ଘରୁ ପଦାକୁ ଗୋଡ କାଢିଲେ ନିରାପଦରେ ଘରେ ପହଞ୍ଚିବା ଦୁର୍ବିସହ ହୋଇପଡିଛି। ଦିନବେଳା ଟ୍ରକ୍ ଚଳାଚଳ ଉପରେ ଅଙ୍କୁଶ ନ ଲଗାଇଲେ ସଡକ ଦୁର୍ଘଟଣା ବୃଦ୍ଧି ପାଇବ ବୋଲି ଆଶଙ୍କା ପ୍ରକାଶ ପାଉଛି।

–ସତ୍ୟନାରାୟଣ ମିଶ୍ର,
ବୁଦ୍ଧିଜୀବୀ, କେନ୍ଦୁଝର

#### ବାଇପାସ ରାସ୍ତା ଶେଷ ବିକଳ୍ପ

➢ ଖଣିଖାଦାନ ଭରା କେନ୍ଦୁଝର ଜିଲାରେ ଲୁହାପଥର ପରିବହନ ଯୋଗୁଁ ରାସ୍ତା ଅବସ୍ଥା ଖରାପ ହେବା ସହ ଟ୍ରାଫିକ୍ ସମସ୍ୟା ଉଗ୍ରରୂପ ଧାରଣ କରିଛି। ଷଠିଘର ସାହିଠାରେ ନିର୍ମାଣାଧୀନ ବାଇପାସ କାମ ତୁରନ୍ତ ଶେଷ କରି ଶୁଆକାଟୀ ପଟୁ ଆସୁଥିବା ଟ୍ରକଗୁଡିକୁ ଏହି ରୁଟରେ ଛଡାଗଲେ ସହରରେ ଟ୍ରାଫିକ୍ ସମସ୍ୟାରେ ସୁଧାର ଆସିପାରନ୍ତା।

– ଜୟକୃଷ୍ଣ ପଣ୍ଡା,
ବରିଷ୍ଠ ନାଗରିକ, କେନ୍ଦୁଝର

#### ସମାଧାନ ଲାଗି ଉଦ୍ୟମ ଚାଲିଛି

➢ କେନ୍ଦୁଝର ସଦର ମହକୁମା ସମେତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଟ୍ରାଫିକ୍ ସମସ୍ୟା ସମାଧାନ ପାଇଁ ପୋଲିସ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି। ସହରବାସୀ ଠିକ୍ ଭାବରେ ଯେପରି ରାସ୍ତାରେ ଚଳାଚଳ କରିପାରିବେ ସେଥିପ୍ରତି ଦୃଷ୍ଟି ଦିଆଯାଉଛି।

–ପ୍ରକାଶ ଜେମ୍ସ ଟପୋ, ସଦର
ଉପଖଣ୍ଡ ପୋଲିସ ଅଧିକାରୀ

#### ନିର୍ମାଣାଧୀନ ରାସ୍ତା କାରଣ ସାଜିଛି

➢ କେନ୍ଦୁଝର ଜିଲାରେ ଟ୍ରାଫିକ୍ ସମସ୍ୟାର ମୁଖ୍ୟ କାରଣ ହେଉଛି ନିର୍ମାଣାଧୀନ ରାସ୍ତା। ଯୋଡା ବଡବିଲଠାରୁ ଆରମ୍ଭ କରି କେନ୍ଦୁଝର ବାଇପାସ୍ ରାସ୍ତା ଷଠିଘର ସାହିଠାରେ ତିଆରି ହେଉଥିବା ରାସ୍ତା କାର୍ଯ୍ୟ ଶେଷ ହେଲେ ଟ୍ରାଫିକ ସମସ୍ୟାର ସମାଧାନ ଅନେକାଂଶରେ ହୋଇପାରିବ। ଏବାବଦରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ସମୟରେ ବୈଠକ ବସି ସମାଧାନର ପନ୍ଥା ନିର୍ଣ୍ଣୟ କରାଯାଉଛି।

–ନିର୍ମଳ ଚନ୍ଦ୍ର ମହାନ୍ତି, ଆଞ୍ଚଳିକ
ପରିବହନ ଅଧିକାରୀ, କେନ୍ଦୁଝର

# ସମସ୍ୟା ଘେରରେ ଶିଶୁ ୱାର୍ଡ

କେନ୍ଦୁଝର, ୮।୯ (ସ୍ୱ.ପ୍ର.)


ତଳେ ଶୋଉଛନ୍ତି ଶିଶୁ ରୋଗୀ ଓ ସମ୍ପର୍କୀୟ।

ଶିଶୁଙ୍କୁ ଉନ୍ନତ ଚିକିତ୍ସା, ସୁବିଧା ଯୋଗାଇ ଦେବା ଲାଗି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ୩୦ ଶଯ୍ୟା ବିଶିଷ୍ଟ ଶିଶୁ ୱାର୍ଡରେ ବିଭିନ୍ନ ଅବ୍ୟବସ୍ଥା ଲାଗି ରହିଛି। କେତେବେଳେ ପିଇବା ପାଣି ସମସ୍ୟା ତ ଆଉ କେତେବେଳେ ଶଯ୍ୟା ଅଭାବରୁ ନବଜାତ ଶିଶୁଙ୍କୁ ଧରି ପ୍ରସୂତିମାନେ ତଳେ ଶୋଉଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ଭିତ୍ତିଭୂମିରେ ସୁଧାର ଅଣାଯାଉ ନାହିଁ । ଏଥିସହ ଚିକିତ୍ସା କାର୍ଯ୍ୟରେ ଅବହେଳା ନେଇ ସବୁବେଳେ ଏହି ୱାର୍ଡ ଚର୍ଚ୍ଚାରେ ରହି ଆସୁଛି।

ଶନିବାର ସକାଳେ ଶିଶୁ ୱାର୍ଡରେ କେହି ଡାକ୍ତର ନ ଥିବାରୁ ଶିଶୁ ରୋଗୀଙ୍କୁ ଧରି ଆସିଥିବା ସମ୍ପର୍କୀୟ ଓ ଅଭିଭାବକ ହଇରାଣ ହୋଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ରାତି ଡ୍ୟୁଟିରେ ଥିବା ଡାକ୍ତର ୱାର୍ଡ ଛାଡି ଚାଲି ଯାଇଥିବା ବେଳେ ସକାଳେ ଯୋଗଦେବାକୁ ଥିବା ଡାକ୍ତର ପହଞ୍ଚି ନ ଥିଲେ। ଉପଯୁକ୍ତ ତଦାରଖ ଅଭାବ ଯୋଗୁ ଶିଶୁ ୱାର୍ଡରେ ବାରମ୍ବାର ଏଭଳି ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଉପସ୍ଥିତ ଥିବା ନର୍ସମାନଙ୍କୁ ପଚାରିଲେ ଡାକ୍ତର କେଉଁଠି ଅଛନ୍ତି ଏବଂ କିଏ ଡ୍ୟୁଟିରେ ଅଛନ୍ତି, କହିପାରି ନ ଥିଲେ ବୋଲି ଜଣେ ରୋଗୀଙ୍କ ସମ୍ପର୍କୀୟ ଅଜୟ କୁମାର ପଣ୍ଡା ଅଭିଯୋଗ କରିଛନ୍ତି। ଅନେକ ସମୟରେ ଡାକ୍ତରଙ୍କ ଅନୁପସ୍ଥିତି, ଶଯ୍ୟା ଅଭାବ ଚିନ୍ତା ବଢାଉଛି। ଏ ନେଇ ସିଡିଏମଓ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଫୋନ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ ।

# ପ୍ରକଳ୍ପ ବୁଲି ଦେଖିଲେ, ସମୀକ୍ଷା କଲେ

କେନ୍ଦୁଝର, ୮।୯(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ରଞ୍ଜନା ଚୋପ୍ରା ଦୁଇଦିନିଆ କେନ୍ଦୁଝର ଜିଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କେନ୍ଦୁଝର ତରଫରୁ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ଶୁକ୍ରବାର ସକାଳେ ସାହାରପଡା ବ୍ଲକ ଅନ୍ତର୍ଗତ ବଡବିଲ ଗ୍ରାମର ୱାଡି ପ୍ରକଳ୍ପରେ ଚାରାରୋପଣ, କ୍ଷେତ୍ର ଆଧୁନିକୀକରଣ ସହ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀକୁ ସହାୟତା ପ୍ରଦାନ ସମ୍ପର୍କରେ କ୍ଷେତ୍ର ବୁଲିବା ସହ ହିତାଧିକାରୀ ଓ କୃଷକମାନଙ୍କ ସହ ଆଲୋଚନା କରିଥିଲେ। ଶନିବାର ସିଲିସୁଆଁଠାରେ ଥିବା ଦୁଗ୍ଧ ଶୀତଳୀକରଣ


ରଞ୍ଜନା ଚୋପ୍ରା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

ପ୍ରକଳ୍ପ ପରିଦର୍ଶନରେ ଯାଇ ଗୋପାଳନ ଓ ବିଭିନ୍ନ ଦୁଗ୍ଧଜାତ ସାମଗ୍ରୀର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିଲେ। ଶାସନ ସଚିବଙ୍କ ସହ ବିଭାଗୀୟ ଉପସଚିବ ପ୍ରଣତି ପାତ୍ର, କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ନାରାୟଣ ମୁର୍ମୁ, ଜିଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ ଦାଶ, ଆଇଟିଡିଏର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଜ୍ଞାନରଞ୍ଜନ ପଣ୍ଡା, କାର୍ଯ୍ୟକ୍ରମ ପରିଚାଳକ ଶିବଶଙ୍କର ନାୟକ ସାମିଲ ଥିଲେ।

# ଚାଷୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ଯୋଡ଼ା, ୮।୯(ଡି.ଏନ.ଏ.)

ଯୋଡା ବ୍ଲକ ସଭାଗୃହଠାରେ ରବିବାର କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ଉତ୍ସାହିତ କରିବା ପାଇଁ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଚମ୍ପୁଆର ପୂର୍ବତନ ବିଧାୟକ ଜିତୁ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବଡବିଲ ତହସିଲଦାର ତଥା ଯୋଡା ବିଡିଓ କ୍ଷୀରୋଦ କୁମାର ବେହେରାଙ୍କ ସମେତ ଚମ୍ପୁଆ କୃଷି ଜିଲା ଅଧିକାରୀ ଗଜେନ୍ଦ୍ର ନାଥ ଗୋଛାୟତ, ଯୋଡା ବ୍ଲକ କୃଷି ଓ ସୂଚନା ପରାମର୍ଶ କେନ୍ଦ୍ରର ଅଧ୍ୟକ୍ଷ କବୀନ୍ଦ୍ର ନାଏକ, ବାମେବାରୀ ସହକାରୀ କୃଷି ଅଧିକାରୀ ପ୍ରଫୁଲ୍ଲ କୁମାର ପ୍ରଧାନ, କୃଷି ଓ ସୂଚନା ପରାମର୍ଶ କେନ୍ଦ୍ରର ସଦସ୍ୟ ଦଶରଥ ବାରିକ ଓ ଯୁବ ଚାଷୀ ସଞ୍ଜୟ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଯୋଡା ଖଣି ଅଞ୍ଚଳରେ ଉଞ୍ଚବାଲୀ ଗ୍ରାମର ସଞ୍ଜୟ ବାରିକ ଚାଷ କାର୍ଯ୍ୟ କରି ଉଦାହରଣ ପାଲଟିଥିବାରୁ କୃଷି ବିଭାଗ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଏଲ୍‌ଇଡି ଭିଲେଜ ଯୋଜନା ଆରମ୍ଭ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଆନନ୍ଦପୁର, ୮।୯(ସ୍ୱ.ପ୍ର.)

ଆନନ୍ଦପୁର ବିଦ୍ୟୁତ ଡିଭିଜନ ଅଧୀନରେ ଏଲଇଡି ଭିଲେଜ ଯୋଜନାର ଶୁଭାରମ୍ଭ କରାଯାଇଛି। ପ୍ରଥମକରି ଆନନ୍ଦପୁର ବ୍ଲକ ବାରୁଆଁ ଗ୍ରାମକୁ ଏହି ଯୋଜନାରେ ସାମିଲ କରାଯାଇଛି। ଆନନ୍ଦପୁର ବିଦ୍ୟୁତ ବିଭାଗ ଏସଡିଓ ସୂର୍ଯ୍ୟକାନ୍ତ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ଏଲଇଡି ଭିଲେଜ ଯୋଜନାକୁ ଠିକ ଭାବେ କାର୍ଯ୍ୟକାରୀ କରିବାକୁ ବିଧାୟକ ସେଠୀ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ବିଦ୍ୟାଧର ପଣ୍ଡା ଯୋଗଦେଇ ଏଲଇଡି ଯୋଜନାରେ ପ୍ରତ୍ୟେକ ଗ୍ରାମରେ ଆଲୋକମୟ ପରିବେଶ ସୃଷ୍ଟି କରାଯିବାକୁ ଲକ୍ଷ୍ୟ ରହିଥିବା ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ଭାବେ କଣ୍ଟିପାଳ ସରପଞ୍ଚ ମଳୟ କୁମାର ନାଏକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଲାଇନ୍‌ମ୍ୟାନ୍ ରଞ୍ଜନ କୁମାର ମହାପାତ୍ର, ଶ୍ରୀକାନ୍ତ ବେହେରା, ସୌମ୍ୟରଞ୍ଜନ ରଥ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହାୟତା କରିଥିଲେ।

■ ୟୁଥ୍ କ୍ଲବ ନକ୍‌ଆଉଟ ଟୁର୍ନାମେଣ୍ଟ

# ବଡ଼ବିଲ ଫୁଟବଲ ଆସୋସିଏଶନ ଚାମ୍ପିୟନ

ବଡବିଲ, ୮।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ପୌରାଞ୍ଚଳ ଦାମୁହଟିଂସ୍ଥିତ ଖେଳପଡିଆରେ ଗତ ଶୁକ୍ରବାର ଠାରୁ ଚାଲିଥିବା ୟୁଥ୍ କ୍ଲବ ନକ୍ ଆଉଟ ଫୁଟବଲ ଟୁର୍ନାମେଣ୍ଟର ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଯୋଡାସ୍ଥିତ ଡୁଅର ଡାଏ ଟିମକୁ ପେନାଲଟି କର୍ଣ୍ଣର ୩-୨ ଗୋଲରେ ହରାଇ ବଡବିଲ ଫୁଟବଲ ଆସୋସିଏସନ (ବିଏଫଏ) ଚାମ୍ପିୟନ ହୋଇଛି।

ସୂଚନା ଅନୁଯାୟୀ, ଦାମୁହଟିଂସ୍ଥିତ ଖେଳପଡିଆରେ ୟୁଥ କ୍ଲବ ପକ୍ଷରୁ ତିନିଦିନିଆ ନକ ଆଉଟ ଫୁଟବଲ ଟୁର୍ନାମେଣ୍ଟ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଏହି ମ୍ୟାଚ୍‌ରେ ବଡବିଲ ତଥା ଆଖପାଖ ପଡୋଶୀ ରାଜ୍ୟରୁ ମୋଟ ୩୨ଟି ଫୁଟବଲ ଟିମ୍ ଅଂଶଗ୍ରହଣ କରିଥିବାବେଳେ ଫାଇନାଲକୁ ଯୋଡାର ଡୁ ଅର୍ ଡାଏ ଫୁଟବଲ ଟିମ୍ ଏବଂ ବଡବିଲର ବିଏଫ୍ଏ (ବଡବିଲ ଫୁଟବଲ ଆସୋସିଏସନ) ଉନ୍ନୀତ ହୋଇଥିଲେ। ତେବେ ଚିତ୍ତାକର୍ଷକ ଫାଇନାଲ ମ୍ୟାଚର ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ପରସ୍ପରକୁ ଗୋଲ ଦେବାରେ ବିଫଳ ହୋଇଥିଲେ। ଟୁର୍ନାମେଣ୍ଟର ନିୟମାନୁଯାୟୀ ଶେଷରେ ପେନାଲଟି କର୍ଣ୍ଣରର ସହାୟତା ନିଆଯାଇଥିଲା। ଏଥିରେ ଯୋଡା ଟିମ୍ ୨ଟି ଗୋଲ ଦେବାକୁ ସକ୍ଷମ ହୋଇଥିଲାବେଳେ ୩ଟି ଗୋଲ ଦେଇ ବିଏଫଏ ଟିମ ଚାମ୍ପିୟନ ହୋଇଥିବା ଜଣାପଡିଛି। ଉଦଯାପନୀ ଉତ୍ସବରେ ଅତିଥିମାନଙ୍କ ଦ୍ୱାରା ଚାମ୍ପିୟନ ଓ ରନର୍ସ ଅପ ଟିମ ସହ ବେଷ୍ଟ ଡିଫେଣ୍ଡର, ବେଷ୍ଟ ଗୋଲ କିପର, ବେଷ୍ଟ ପ୍ଲେୟର ଅଫ ଦି ଟୁର୍ନାମେଣ୍ଟଙ୍କୁ ପୁରସ୍କୃତ କରାଯାଇଥିଲା।

# ଉପଜିଲାପାଳଙ୍କୁ କୃତଜ୍ଞତା

ଚମ୍ପୁଆ, ୮।୯(ଡି.ଏନ.ଏ)

ଚମ୍ପୁଆ ସଦର ମହକୁମାରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ଓ ଉନ୍ନୟନ କାର୍ଯ୍ୟ ପାଇଁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଚମ୍ପୁଆ ଉପଜିଲାପାଳ ପାରୁଲ ପଟ୍ଟାୱାରୀଙ୍କୁ କୃତଜ୍ଞତା ଜଣାଯାଇଛି। ପଟ୍ଟାୱାରୀ ଚମ୍ପୁଆରେ ଉପଜିଲାପାଳ ଭାର ସମ୍ଭାଳିବା ପରେ ସ୍ଥାନୀୟ ଲୋକେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି, ପାର୍କ ଓ ଜିମ୍‌ନାସିୟମ ଆଦି ନିର୍ମାଣ କରି ସ୍ଥାନୀୟ ଅଞ୍ଚଳର ମାନ ବୃଦ୍ଧି କରିବାକୁ ଅନୁରୋଧ କରିଥିଲେ।

# ରାଜ୍ୟସ୍ତରୀୟ ସଙ୍ଗୀତ ପ୍ରତିଯୋଗିତା ନିମନ୍ତେ ଚୟନ

ବଡବିଲ, ୮।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲସ୍ଥିତ ପୌର ଟାଉନହଲଠାରେ ରବିବାର ଭାରତ ବିକାଶ ପରିଷଦ ତରଫରୁ ରାଜ୍ୟସ୍ତରୀୟ ସଙ୍ଗୀତ ପ୍ରତିଯୋଗିତା ନିମନ୍ତେ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଛି। ବଡବିଲ ପୌରାଞ୍ଚଳ ତଥା ଆଖପାଖ ଅଞ୍ଚଳର ବିଭିନ୍ନ ସ୍କୁଲ ଗୁଡିକରୁ ମୋଟ ୭ଟି ଟିମ ଏହି ସଙ୍ଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। କେବଳ ସଂସ୍କୃତ ଓ ହିନ୍ଦୀ ଭାଷାରେ ଜାତୀୟତା ବୋଧ ହେଉଥିବା ସଙ୍ଗୀତକୁ ଏହି ପ୍ରତିଯୋଗିତାରେ ପ୍ରବେଶିକା ମିଳିଥିବାବେଳେ ଏଠାରୁ ଚୟନ ହୋଇଥିବା ଟିମ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ସକ୍ଷମ ହୋଇଛି।

# ମହାଲକ୍ଷ୍ମୀ ପୂଜା ପାଇଁ ମାଟିପୂଜନ

କେନ୍ଦୁଝର, ୮।୯(ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ଗ୍ରାମର ପ୍ରସିଦ୍ଧ ମହାଲକ୍ଷ୍ମୀ ପୂଜା ଆଖପାଖ ନୂଆଗାଁ, ଗୋବର୍ଦ୍ଧନ, ଶଙ୍କିରୀ, ବାଉରୀପଦା, ମହାଦେଇଯୋଡ଼ା, ବରଦାପାଳ ଆଦି ୬ଟି ପଞ୍ଚାୟତର ଲୋକମାନେ ଏହି ପୂଜା ବେଶ୍ ଧୁମଧାମରେ ପାଳନ କରିଥାନ୍ତି। ମହାଲକ୍ଷ୍ମୀ ପୂଜାର ପ୍ରାୟତଃ ମାସକ ପୂର୍ବରୁ ରବିବାର ମୂର୍ତ୍ତି ନିର୍ମାଣ ନିମନ୍ତେ ମାଟି ପୂଜନ ଉତ୍ସବ ପାଳିତ ହୋଇଯାଇଛି। ଗୋବର୍ଦ୍ଧନ ଗ୍ରାମ ନିକଟସ୍ଥ ଅରଡ଼େଇ ନଦୀରୁ ମାଟି ପୂଜା ହୋଇ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ। ପଦ୍ମପୁର ଗ୍ରାମର କୁଳ ପୁରୋହିତ ହୃଦାନନ୍ଦ ବ୍ରହ୍ମ ଏହାକୁ ସମ୍ପାଦନା କରିଥିଲେ। ଏହି ଉପଲକ୍ଷେ ନଗର କୀର୍ତ୍ତନ ଶୋଭାଯାତ୍ରା ସହ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ମହାଲକ୍ଷ୍ମୀପୂଜା କମିଟିର ସଭାପତି ବିଜୟ କୁମାର ସାହୁ, ସମ୍ପାଦକ ଉତ୍ତମ କୁମାର ସାହୁଙ୍କ ସହ କମିଟିର ବିନୋଦ ସାହୁ, ଗୋପାଳ ସାହୁ, ପ୍ରବୀଣ ସାହୁ, ଦୀପୁ ସାହୁ, ଗଣେଶ ସାହୁ, ଗିରିଶ ସାହୁ, ବିନୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଆସନ୍ତା ଅକ୍ଟୋବର ୧୩ ତାରିଖରେ ଲକ୍ଷ୍ମୀପୂଜା ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ୧୪ତାରିଖରୁ ୧୮ତାରିଖ ପର୍ଯ୍ୟନ୍ତ ୫ଦିନଧରି ରାଜଧାନୀ ଅପେରା ଅନୁଷ୍ଠିତ ହେବବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।


ଲକ୍ଷ୍ମୀପୂଜା ପାଇଁ ପଦ୍ମପୁର ଗ୍ରାମ ପୁରୋହିତ ମାଟି ପୂଜା କରୁଛନ୍ତି।

# ବୈତରଣୀ ଲୁପ୍ତ ହେବା ଆଶଙ୍କା

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୮।୯

■ ସୁରକ୍ଷା ଲାଗି ଖଣି ଉପରେ କଟକଣା ଦାବି
■ ନଦୀ ଜଳକୁ ଆବଣ୍ଟନ କରା ନ ଯାଉ
■ ପ୍ରଦୂଷଣମୁକ୍ତ କରିବା ଆବଶ୍ୟକ

'ବୁଢା ହେଲୁ, କିନ୍ତୁ କିଛି ବର୍ଷ ହେଲା ବୈତରଣୀ ନଦୀ ଏଭଳି ଅବସ୍ଥା ଦେଖି ନ ଥିଲୁ। ଖରା ଦିନରେ ଶୁଖିଲା ପଡୁଥିବା ଏହି ନଦୀ ବର୍ଷାଦିନରେ ମଧ୍ୟ ପାଣି ନାହିଁ। ଏଣୁ ଏଭଳି ଅବସ୍ଥା ଜାରି ରହିଲେ ନଦୀ ଲୁପ୍ତ ହୋଇଯିବ ବୋଲି ବହୁ ବରିଷ୍ଠ ନାଗରିକ ଏଭଳି ମତବ୍ୟକ୍ତ କରୁଛନ୍ତି। ଜିଲାରେ ବ୍ୟାପକ ପ୍ରଦୂଷଣ ଯୋଗୁ ସଙ୍କୁଚିତ ଓ ପୋତି ହୋଇଯାଇଥିବା ବୈତରଣୀ ଏବେ ବର୍ଷାଭାବ ସାଙ୍ଗକୁ କମ୍ପାନୀ ଗୁଡ଼ିକର ପ୍ରଚୁର ଜଳ ଶୋଷଣ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଉପର ମୁଣ୍ଡରେ ବହୁ ପ୍ରତିଷ୍ଠିତ କମ୍ପାନୀ ମାନେ ପାଣି ନେଉଥିବାରୁ ତଳ ମୁଣ୍ଡରେ ଜଳସଙ୍କଟ ଦେଖାଦେଉଛି । ଯଦି ଜଳ ସଂରକ୍ଷଣ କରିବା ସହ ଜଳ ଆବଣ୍ଟନ ବନ୍ଦ ନ କରାଯାଏ ତେବେ ତଳ ମୁଣ୍ଡରେ ନିର୍ମାଣାଧୀନ ଜଳ ବିଦ୍ୟୁତ ଉତ୍ପାଦନ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପୂର୍ବରୁ ଜଳାଭାବ ଯୋଗୁ ବନ୍ଦ ହୋଇ ଯିବ ବୋଲି ମତ ପ୍ରକାଶ ପାଉଛି ।

ପ୍ରକାଶ ଯେ କେନ୍ଦୁଝର ଜିଲାର ଲାଇଫ ଲାଇନ କୁହାଯାଉଥିବା ବୈତରଣୀ ନଦୀ ଯୋଗୁଁ ଓଡିଶାର କେନ୍ଦୁଝର ସମେତ ପଡୋଶୀ ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର, ଯାଜପୁର ଜିଲା ତଥା ଝାଡ଼ଖଣ୍ଡ ରାଜ୍ୟ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଉପକୃତ ହୋଇଥାନ୍ତି। ଏହାର ପରିପୁଷ୍ଟ ଅଞ୍ଚଳରେ ଥିବା ଶତାଧିକ ଗ୍ରାମର ଲୋକ ମାନେ କୃଷି, ପାନୀୟଜଳ, ମାଛ ଚାଷ ଆଦି କରି ଏଥିରୁ ବଞ୍ଚୁଥିବା ବେଳେ ଏହା ଦ୍ୱାରା ଜଙ୍ଗଲ ଓ ପରିବେଶର ସୁରକ୍ଷା ହେଉଛି। ତେବେ ଗତ କିଛି ବର୍ଷ ହେଲା ଏହି ନଦୀର ଜଳ ସ୍ରୋତ କମିବାକୁ ଲାଗିଥିବାରୁ ଚାଷ ଓ ପାନୀୟ ଜଳ ସମସ୍ୟା ଦେଖାଦେଉଛି। ବ୍ୟାପକ ଜଙ୍ଗଲ କ୍ଷୟ ଯୋଗୁଁ କ୍ଷୟ ହେଉଥିବା ମୃତ୍ତିକା ଏବଂ ନଦୀର ଅବବାହିକା ଅଞ୍ଚଳରେ ଥିବା ଖଣିଖାଦାନ, ଶିଳ୍ପର ବର୍ଜ୍ୟବସ୍ତୁ ସିଧାସଳଖ ନଦୀରେ ପଡୁଥିବାରୁ ପୋତିହୋଇଗଲାଣି ଏବଂ ଜଳ ଜହରରେ ପରିଣତ ହୋଇଯାଇଛି। ଅନ୍ୟପକ୍ଷେ ଜଳ ସଂରକ୍ଷଣ କରିବା ପାଇଁ ୪୦ ବର୍ଷ ତଳେ ପରିକଳ୍ପନା


ପ୍ରଦୂଷିତ ବୈତରଣୀ।

କରାଯାଇଥିବା କାନପୁର ଜଳ ସେଚନ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇପାରୁନାହିଁ । କିନ୍ତୁ କମ୍ପାନୀଗୁଡ଼ିକୁ ବହୁ ପରିମାଣରେ ଜଳ ଆବଣ୍ଟନ କରିଦିଆଯାଉଥିବାରୁ ଏହି ପୌରାଣିକ ନଦୀ ଲୁପ୍ତ ହେବାକୁ ବସିଛି। ଏଣୁ ନଦୀର ସୁରକ୍ଷା ପାଇଁ ନଦୀ କୂଳରେ ଥିବା ଖଣି ଓ ଶିଳ୍ପ ଉପରେ କଟକଣା ଲଗାଇବା ସହ ନଦୀ ଜଳକୁ ଆବଣ୍ଟନ ନ କରିବାକୁ ପରିବେଶବିତ ମାନେ ଦାବି କରୁଛନ୍ତି।

ପ୍ରକାଶ ଯେ ଜିଲାର ବାର୍ଷିକ ହାରାହରି ବୃଷ୍ଟିପାତ ୧୫୩୫ ମିଲିମିଟର ରହିଥିବା ବେଳେ ଏହି ବର୍ଷା ଜଳର ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ନାହିଁ । ଏକ ରିପୋର୍ଟ ଅନୁଯାୟୀ ବୈତରଣୀ ନଦୀକୁ ହାରାହାରି ବାର୍ଷିକ ୭୨୯୬ ନିୟୁତ ଘନମିଟର ଜଳ ପ୍ରବାହ କରୁଥିବା କୁହାଯାଉଛି। ତନ୍ମଧ୍ୟରୁ ୧୨୦୬ ନିୟୁତ ଘନ ମିଟର କୃଷିପାଇଁ ବ୍ୟବହାର କରାଯାଉଥିବା ବେଳେ ୧୯ ନିୟୁତ ଘନମିଟର ପାନୀୟ ଜଳ ଭାବରେ ଓ ୪୩୯ ନିୟୁତ ମିଟର ଶିଳ୍ପ ପାଇଁ ବ୍ୟବହାର ହେଉଛି ବୋଲି ବେସରକାରୀ ଭାବେ କୁହାଯାଉଛି। ଏହାର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହେବା ଆବଶ୍ୟକ ଏବଂ ଏହି ନଦୀକୁ ପ୍ରଦୂଷଣ ମୁକ୍ତ କରିବା ଆବଶ୍ୟକ ବୋଲି ପରିବେଶବିତ ଡକ୍ଟର ବିଦ୍ୟାଧର ବେହେରା କହିଛନ୍ତି। ବୈତରଣୀ ଅବବାହିକାରେ ଥିବା ପ୍ରାୟ ୬୧୯୨୦ ଏକର ଅଞ୍ଚଳରେ ଖରିଫ ଓ ରବି ଋତୁରେ ଚାଷ ହୋଇଥାଏ । ଏହା ଦ୍ୱାରା ପ୍ରାୟ ୪ କୋଟି ଲୋକ ଉପକୃତ ହେଉଥିବା ଜଣାପଡିଛି । ଏହି ନଦୀ ଅବବାହିକାରେ ପ୍ରାୟ ୪୫ ଖଣି ଥିବା ବେଳେ ବହୁ ଛୋଟବଡ ଶିଳ୍ପ ରହିଥିବା ବେଳେ ଆବର୍ଜନା ପରିଚାଳନା ହେଉନଥିବାରୁ ଜଷ୍ଟିସ ଶାହା କମିଶନ ଉଦ୍‌ବେଗ ପ୍ରକାଶ କରିଥିଲେ।